୧୮-୨୪ ଫେବୃଆରୀ ୨୦୨୪

ରବିବାର

# ସିନ୍ଦୁରା

ସକାଳ
THE SAKALA







## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

# ନବୀନଙ୍କ ସ୍ୱାସ୍ଥ୍ୟ ମନ୍ତ୍ର




ସ୍ୱାସ୍ଥ୍ୟ ହିଁ ସଂପଦ । ସୁସ୍ଥ ପରିବାର ସୁଖୀ ପରିବାର । ପ୍ରତ୍ୟେକ ରାଷ୍ଟ୍ରର ପ୍ରଗତିରେ ସ୍ୱାସ୍ଥ୍ୟସେବାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଉତ୍ତମ ସ୍ୱାସ୍ଥ୍ୟ ଦ୍ୱାରା ବ୍ୟକ୍ତି ଓ ସମାଜର ଉନ୍ନତି ହୋଇଥାଏ । ତେଣୁ ଉତ୍ତମ ସ୍ୱାସ୍ଥ୍ୟସେବା ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥାନ୍ତି । ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଆରମ୍ଭ କରିଥିଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା । ଏହା ଦ୍ୱାରା ଲକ୍ଷ ଲକ୍ଷ ଗରିବ ପରିବାର ଉପକୃତ ହେଉଛନ୍ତି ।

'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା' ଏହି ମହତ୍ ଆଭିମୁଖ୍ୟ ନେଇ ସ୍ୱାସ୍ଥ୍ୟସେବାର ବିକାଶ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟର ମାନ୍ୟତା ପାଇଛି । ଅର୍ଥ ଅଭାବରୁ ରାଜ୍ୟରେ ଯେପରି କୌଣସି ବ୍ୟକ୍ତି ଉତ୍ତମ ଚିକିତ୍ସାସେବାରୁ ବଞ୍ଚିତ ନହୁଅନ୍ତୁ, ସେଇଥିପାଇଁ କାର୍ଯ୍ୟକାରୀ ହୋଇଛି ମହତ୍ୱାକାଂକ୍ଷୀ ଯୋଜନା 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ବା 'ବିଏସ୍‌କେୱାଇ' । ବହୁ ଜଟିଳ ରୋଗରେ ପୀଡ଼ିତ ଗରିବ ତଥା ଆର୍ଥିକ ଅନଗ୍ରସର ଲୋକେ ବିନା ଅର୍ଥରେ ସୁପର୍‌ସ୍ପେଶାଲିଟି ଡାକ୍ତରଖାନାରେ ଚିକିତ୍ସିତ ହୋଇପାରୁଛନ୍ତି । ଏହା କେବଳ ସମ୍ଭବ ହୋଇପାରିଛି ବିଏସ୍‌କେୱାଇ ଯୋଗୁଁ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ଲୋଗାନ 'ପ୍ରତିଟି ଜୀବନ ମୂଲ୍ୟବାନ' ଅକ୍ଷରେ ଅକ୍ଷରେ ସତ ପ୍ରମାଣିତ ହୋଇଛି ।

ରାଜ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିଛି ଏହି ଉଚ୍ଚାଭିଳାଷୀ ସ୍ୱାସ୍ଥ୍ୟ ଯୋଜନା । ରାଜ୍ୟରେ ଅଧିକରୁ ଅଧିକ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ବିଏସ୍‌କେୱାଇ ପର୍ଯ୍ୟାୟକ୍ରମେ ସଂପ୍ରସାରଣ କରାଯାଉଛି । ପ୍ରତିମାସ ୧ ଲକ୍ଷରୁ ଅଧିକ ହିତାଧିକାରୀ ମାଗଣାରେ ଚିକିତ୍ସା ସୁବିଧା ପାଉଛନ୍ତି । ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସାରା ଦେଶରେ ଏକ ଅନନ୍ୟ ଉଦାହରଣ ପାଲଟିଛି ଓଡ଼ିଶା । ରାଜ୍ୟବାସୀଙ୍କ ପାଇଁ ଏକ ସୁନିଶ୍ଚିତ ସ୍ୱାସ୍ଥ୍ୟସେବା ଯୋଜନା ହେଉଛି ବିଏସ୍‌କେୱାଇ । ଏହି ଯୋଜନା ମାଧ୍ୟମରେ ସରକାରୀ ଓ ଘରୋଇ ଡାକ୍ତରଖାନାରେ ଉତ୍ତମ ଚିକିତ୍ସା ପ୍ରଦାନ କରାଯାଉଛି । ବିଏସ୍‌କେୱାଇର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ସଫଳତାକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା : ନବୀନଙ୍କ ସ୍ୱାସ୍ଥ୍ୟ ମନ୍ତ୍ର**

ପ୍ରସ୍ତୁତି 'ସକାଳ' ବ୍ୟୁରୋ




ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ ଆଧ୍ୟାତ୍ମିକ ଚିନ୍ତାରେ ସମୟ କଟିବ । ଆୟ ତୁଳନାରେ ବ୍ୟୟ ବଢ଼ିବ । ବୁଧ, ଗୁରୁବାରରେ ସାମାଜିକ କାର୍ଯ୍ୟରେ ବ୍ୟସ୍ତ ରହିବେ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ସଫଳତା ପାଇବେ । ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ପାଇବେ ।

**ବୃଷ**
ରବି, ସୋମ,ମଙ୍ଗଳବାରରେ ଜୀବନରେ ପରିବର୍ତ୍ତନ ଦେଖାଦେବ । କୌଣସି କଥାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇପାରନ୍ତି । ବୁଧ, ଗୁରୁବାରରେ ବାଧାବିଘ୍ନ ଦୂରେଇ ଯିବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଅଧିକ ପରିଶ୍ରମୀ ହେବେ । ପରିବାରବର୍ଗଙ୍କ ସହଯୋଗ ପାଇବେ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ ପରିବାରରେ ଦ୍ୱନ୍ଦ୍ୱ ଦେଖାଦେଇପାରେ । କର୍ମକ୍ଷେତ୍ରରେ ପ୍ରଶଂସାର ପାତ୍ର ହେବେ । ବୁଧ, ଗୁରୁବାରରେ ପୁରୁଣା କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ,ଶନିବାରରେ ନୂତନ ନିଯୁକ୍ତିର ସୁଯୋଗ ରହିଛି । ସାଙ୍ଗସାଥୀଙ୍କ ସହ ମିଳାମିଶା ବଢ଼ିବ ।

**କର୍କଟ**
ରବି, ସୋମ,ମଙ୍ଗଳବାରରେ ନୂତନ ଚିନ୍ତା ଏବଂ ସକାରାତ୍ମକ ଚିନ୍ତାଧାରା ରଖି କାର୍ଯ୍ୟ କରିବେ । ବୁଧ, ଗୁରୁବାରରେ ପରିବାରବର୍ଗଙ୍କ ସହଯୋଗ ପାଇ ଚିନ୍ତାରୁ ମୁକ୍ତି ପାଇବେ । ଶୁକ୍ର ,ଶନିବାରରେ ବ୍ୟବସାୟରେ ବିଶେଷ ଲାଭ ରହିବ ନାହିଁ । ବ୍ୟସ୍ତତା ମଧ୍ୟରେ ସପ୍ତାହଟି କଟିବ ।

**ସିଂହ**
ରବି,ସୋମ,ମଙ୍ଗଳବାରରେ ଗୁରୁଜନଙ୍କ ପରାମର୍ଶରେ କାର୍ଯ୍ୟ କରନ୍ତୁ । ବ୍ୟବସାୟରେ ଉନ୍ନତି ଦେଖାଦେବ । ବୁଧ, ଗୁରୁବାରରେ ନୂତନ ନିଯୁକ୍ତିର ସୁଯୋଗ ରହିଛି । ଶୁକ୍ର ,ଶନିବାରରେ ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତିତ ରହିବେ । ଆୟ ତୁଳନାରେ ବ୍ୟୟ ଅଧିକ ରହିବ ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ କୌଣସି କଥାକୁ ନେଇ ଚିନ୍ତାରେ ପଡ଼ିଯିବେ । ଉଚ୍ଚଅଧିକାରୀଙ୍କଠାରୁ ସହଯୋଗ ମିଳିପାରେ । ବୁଧ, ଗୁରୁବାରରେ ଆଶା ନିରାଶାରେ ପରିଣତ ହୋଇପାରେ । ଶୁକ୍ର ,ଶନିବାରରେ ସନ୍ତାନସନ୍ତତିଙ୍କ କ୍ୟାରିୟରରେ ଉନ୍ନତି ହେବ । ବ୍ୟବସାୟ ପ୍ରସାରିତ ହେବ ।

**ତୁଳା**
ରବି, ସୋମ, ମଙ୍ଗଳବାରରେ ବନ୍ଧୁବାନ୍ଧବଙ୍କ ପାଇଁ ଅଧିକ ଖର୍ଚ୍ଚାନ୍ତରେ ପଡ଼ିପାରନ୍ତି । ମହିଳାମାନେ ଆତ୍ମବିଶ୍ୱାସ ହରାଇ ବସିବେ । ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ଦୁଃଖୀ ରହିବେ । ଶୁକ୍ର,ଶନିବାରରେ ଧୈର୍ଯ୍ୟର ସହ କାର୍ଯ୍ୟ କରିବେ । ମାନସିକ ଶାନ୍ତି ଫେରି ପାଇବେ ।

**ବିଛା**
ରବି,ସୋମ,ମଙ୍ଗଳବାରରେ ପୈତୃକ ସମ୍ପତ୍ତିରେ ଭାଗୀଦାରୀ ହାସଲ କରିପାରନ୍ତି । ଦୂରସ୍ଥାନକୁ ଭ୍ରମଣଯୋଗ ରହିଛି । ବୁଧ, ଗୁରୁବାରରେ ଆପଣଙ୍କ ବ୍ୟବହାରରେ ଅନ୍ୟମାନେ ପ୍ରସନ୍ନ ରହିବେ । ଶୁକ୍ର,ଶନିବାରରେ ନୂତନ ଆୟପଥ ଉନ୍ମୁକ୍ତ ହେବ ।

**ଧନୁ**
ରବି, ସୋମ, ମଙ୍ଗଳବାରରେ ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟକୁ ପୂର୍ଣ୍ଣ କରିବେ । କର୍ମକ୍ଷେତ୍ରରେ ପଦୋନ୍ନତିର ଯୋଗ ରହିଛି । ବୁଧ, ଗୁରୁବାରରେ ଆୟର ନୂତନ ପଥ ଉନ୍ମୁକ୍ତ ହେବ । ଶୁକ୍ର, ଶନିବାର ମାନସମ୍ମାନର ଅଧିକାରୀ ହେବେ । ବ୍ୟବସାୟରେ ଲାଭବାନ ହେବେ ।

**ମକର**
ରବି, ସୋମ, ମଙ୍ଗଳବାରରେ ପାରିବାରିକ ଦାୟିତ୍ୱକୁ ସୁଚାରୁ ରୂପରେ ତୁଲାଇବେ । ମାନସିକ ଅଶାନ୍ତି ଭିତରେ ବୁଡ଼ି ରହିବେ । ବୁଧ, ଗୁରୁବାରରେ ନୂତନ ଶୈଳୀରେ କାର୍ଯ୍ୟ କରିବେ । ଶୁକ୍ର,ଶନିବାରରେ ମହିଳାମାନେ କୌଣସି ଦୁର୍ଘଟଣାରେ ସମ୍ମୁଖୀନ ହୋଇପାରନ୍ତି । ଲୋକ ଚିହ୍ନିବାର ମଉକା ପାଇବେ ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ପରିବାର ସଦସ୍ୟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ନୂତନ ନିବେଶରୁ ଲାଭବାନ ହୋଇପାରନ୍ତି । ବୁଧ,ଗୁରୁବାରରେ ପରିଶ୍ରମ ମୁତାବକ ଫଳ ପାଇବେ । ଶୁକ୍ର, ଶନିବାରରେ ସମାଜରେ ପ୍ରତିଷ୍ଠିତ ହେବେ । ଭାଇଭଉଣୀଙ୍କ ସହଯୋଗ ମିଳିବ ।

**ମୀନ**
ରବି, ସୋମ, ମଙ୍ଗଳବାରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ନୂତନ ନିବେଶରୁ ନିବୃତ୍ତ ରୁହନ୍ତୁ । ବୁଧ, ଗୁରୁବାରରେ ଛାତ୍ରଛାତ୍ରୀମାନେ ଉପଯୁକ୍ତ ନିଷ୍ପତ୍ତି ନେବେ । ଶୁକ୍ର ,ଶନିବାରରେ ନିବେଶ କରିବା ପୂର୍ବରୁ ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶ ନେବା ଉଚିତ ।




ବିଶ୍ୱସନୀୟ,
ନବସୃଜନ, ଉତ୍ତରଦାୟୀ ଓ ଦରଦୀ
ଆଦି ଶବ୍ଦର ସମାହାର ହେଉଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡ । ପ୍ରତ୍ୟେକ ଜୀବନ ମୂଲ୍ୟବାନ୍ ଓ ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏହି ଦୁଇଟି ଆହ୍ୱାନକୁ ଚରିତାର୍ଥ କରୁଛି ଏହି ସାର୍ବଜନୀନ ସ୍ୱାସ୍ଥ୍ୟ ଯୋଜନା । ସାର୍ବଜନୀନ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଏସ୍‌କେୱାଇ ସାରା ଦେଶରେ ଏକ ଉତ୍ତମ ମଡେଲ ହୋଇପାରିଛି । ଯେଉଁଠି ଦିନେ ଗରିବ ଲୋକଟିଏ ବଡ଼ ବଡ଼ କର୍ପୋରେଟ୍ ହସ୍ପିଟାଲ୍‌କୁ କେବଳ ବାହାରୁ ଥାଇ ଦେଖୁଥିଲା , ଆଜି ସେହି ଡାକ୍ତରଖାନାରେ ସେ ନିଜ ପରିବାର ସଦସ୍ୟଙ୍କ ବୃକ୍କ ପ୍ରତିରୋପଣ କରିପାରୁଛି ତ ଆଉ କିଏ ଯକୃତ୍ ପ୍ରତିରୋପଣ ଭଳି ଅତ୍ୟନ୍ତ ବ୍ୟୟବହୁଳ ଚିକିତ୍ସା କରାଇପାରୁଛି । ରୋଗର ଚିକିତ୍ସା ପାଇଁ ଜମି କିମ୍ବା ଗହଣା ବନ୍ଧକ ରଖିବା ଜରୁରି ନୁହେଁ । ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସରକାର ୨୦୧୮ ମସିହା ଅଗଷ୍ଟ ୧୫ ତାରିଖରେ ଆରମ୍ଭ କରିଥିଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା । ଯାହାକୁ ସମଗ୍ର ଦୁନିଆ ଆଜି ଏକ ଅନନ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବୋଲି କହୁଛି । ଜାତୀୟ ଓ ଅନ୍ତର୍ଜାତୀୟ ସ୍ୱୀକୃତି ମିଳୁଛି । ବଡ଼ କଥା ହେଲା, ରାଜ୍ୟର ଗରିବ ଜନସାଧାରଣ ଏହାକୁ ସଞ୍ଜୀବନୀର ଆଖ୍ୟା ଦେଇଛନ୍ତି ।



# ନବସୃଜନ, ବିଶ୍ୱସନୀୟତା ଓ ଭାବଗତ ସେବା
# ବିଏସ୍‌କେୱାଇ

ରାଜ୍ୟର ୧୧୯.୮ ଲକ୍ଷ ପରିବାରର ପ୍ରାୟ ୪ କୋଟି ୮୦ ଲକ୍ଷ ଲୋକଙ୍କୁ ସରକାରୀ ଚିକିତ୍ସାଳୟରେ ଦେୟମୁକ୍ତ ଚିକିତ୍ସା ସୁନିଶ୍ଚିତ କରାଯାଇଛି। ସେହିପରି ଆର୍ଥିକ ସମ୍ବେଦନଶୀଳ ଓ ଦୁର୍ବଳ ବର୍ଗର ୯୯.୩ ଲକ୍ଷ ପରିବାରର ସମସ୍ତ ୩.୫୬ କୋଟି ସଦସ୍ୟଙ୍କୁ ବିଏସ୍‌କେୱାଇ କ୍ୟାସଲେସ୍ ସୁବିଧା ଉପଲବ୍ଧ କରାଯାଇଛି। ତେବେ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ସମ୍ପ୍ରସାରଣ ପରେ ହିତାଧିକାରୀଙ୍କ ପାଇଁ ଗୋଟିଏ ପରେ ଗୋଟିଏ ନୂଆ ସୁବିଧା ଯୋଡ଼ିଛନ୍ତି। କେବଳ ରାସନ କାର୍ଡ ହିତାଧିକାରୀ ନୁହନ୍ତି ବିଏସ୍‌କେୱାଇରୁ ବଞ୍ଚିତ ଥିବା ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ପରିବାରକୁ ଏହି ଯୋଜନାରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଏସ୍‌କେୱାଇ ନବୀନ କାର୍ଡର ପ୍ରଚଳନ କରିଛନ୍ତି। ୪ର୍ଥ ପର୍ଯ୍ୟାୟରେ ସହରାଞ୍ଚଳର ଲୋକଙ୍କ ପାଇଁ ନବୀନ କାର୍ଡ ଆରମ୍ଭ ହେବ। ଫଳରେ ବିଏସ୍‌କେୱାଇ ନବୀନ କାର୍ଡର ପ୍ରଚଳନ ଦ୍ୱାରା ରାଜ୍ୟର ୧ କୋଟି ୧୦ ଲକ୍ଷରୁ ଅଧିକ ପରିବାର (୯୦% ଲୋକ) ଉପକୃତ ହେବେ। ଉତ୍ତମ ସ୍ୱାସ୍ଥ୍ୟ ଓ ବିକାଶ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏକ ସୁସ୍ଥ ସମାଜ ହିଁ ସମୃଦ୍ଧ ଭବିଷ୍ୟତର ଆଧାର। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସରକାରଙ୍କ ସବୁ କାର୍ଯ୍ୟକ୍ରମ ପଛରେ ରହିଛି ଆମର 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା'ର ମହତ୍ୱାକାଂକ୍ଷୀ ଲକ୍ଷ୍ୟ। ବିଏସ୍‌କେୱାଇ ଯୋଜନାରେ ପ୍ରତି ମାସରେ ୪୫ ଲକ୍ଷରୁ ଅଧିକ ଲୋକ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ମାଗଣାରେ ଚିକିତ୍ସା ସୁବିଧା ପାଉଛନ୍ତି। ଏହା ସହିତ ୧ ଲକ୍ଷ ୩୦ ହଜାର ଲୋକ ଘରୋଇ ହସ୍ପିଟାଲଗୁଡ଼ିକରେ କ୍ୟାସଲେସ୍ ଚିକିତ୍ସା ସୁବିଧା ପାଉଛନ୍ତି। ବିଏସ୍‌କୋୱାଇରେ ପଞ୍ଜୀକୃତ ଘରୋଇ ହସ୍ପିଟାଲ୍‌ଗୁଡ଼ିକରେ ହିତାଧିକାରୀଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ମାସକୁ ୨୬୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗତ ୫ ବର୍ଷରେ ବିଏସ୍‌କେୱାଇ ଯୋଜନାରେ ରାଜ୍ୟ ସରକାର ୪୫୦୦ କୋଟି ଟଙ୍କା ଖର୍ଚ୍ଚ କରି ୨୧ ଲକ୍ଷ ରୋଗୀଙ୍କୁ ବିଭିନ୍ନ ଘରୋଇ ହସ୍ପିଟାଲ୍‌ରେ କ୍ୟାସଲେସ୍ ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି।

## କାର୍ଡ ନଥାଇ ମିଳୁଛି ସବୁ ସୁବିଧା

ଅନେକ ହିତାଧିକାରୀଙ୍କ ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ସେମାନଙ୍କ ପାଖରେ ପହଞ୍ଚି ପାରୁନଥିବା ଅଭିଯୋଗ ଆସୁଛି। ଡିଲର୍‌ମାନଙ୍କ ପାଖରେ କାର୍ଡ ପଡ଼ି ରହିଥିବା କୁହାଯାଉଛି। ତେବେ ସମ୍ପୃକ୍ତ ହିତାଧିକାରୀ ପ୍ରଥମେ ନିଜ କାର୍ଡ ସଂଗ୍ରହ ପାଇଁ ରାସନ ଡିଲର୍‌ଙ୍କ ସହ ଯୋଗାଯୋଗ କରିବା ଆବଶ୍ୟକ। ଯଦି କୌଣସି ହିତାଧିକାରୀଙ୍କ ପାଖରେ ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ନାହିଁ, ତା' ସତ୍ତ୍ୱେ ଡାକ୍ତରଖାନାରେ କେବଳ ରାସନ କାର୍ଡ କିମ୍ବା ଆଧାର କାର୍ଡ ଦେଲେ କ୍ୟାସ୍‌ଲେସ୍ ସ୍ୱାସ୍ଥ୍ୟ ସେବା ନିଶ୍ଚିତ ଭାବେ ମିଳିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଜରୁରି ନୁହେଁ ସରକାରୀ ଡାକ୍ତରଙ୍କ ରେଫରାଲ୍

ଲୋକଙ୍କ ସୁବିଧା ପାଇଁ ସରକାରୀ ଯୋଜନାରେ ବ୍ୟବସ୍ଥା କରାଯାଏ। ସେହି ଅନୁସାରେ ପୂର୍ବରୁ ବିଏସ୍ କେୱାଇ ହିତାଧିକାରୀ ଘରୋଇ ଡାକ୍ତରଖାନା ଯିବା ପୂର୍ବରୁ ସରକାରୀ ଡାକ୍ତରଖାନାରୁ ରେଫର୍ କରାଯିବା ଜରୁରି ଥିଲା। କିନ୍ତୁ ରୋଗୀଙ୍କ ସୁବିଧା ଦୃଷ୍ଟିରୁ ସରକାର ରେଫରାଲ୍ ବ୍ୟବସ୍ଥା ଉଠାଇ ଦେଇଛନ୍ତି। ରୋଗୀ ସିଧାସଳଖ ଘରୋଇ ଡାକ୍ତରଖାନା ଯାଇପାରୁଛନ୍ତି। କିନ୍ତୁ ସାଧାରଣ ରୋଗୀଙ୍କୁ ଆଡମିଟ୍ କରିବା ସମ୍ପୃକ୍ତ ଘରୋଇ ଡାକ୍ତରଖାନା ପକ୍ଷରେ ସହଜ ନୁହେଁ। ସରକାରୀ ଡାକ୍ତରଖାନାରେ ସହଜରେ ଚିକିତ୍ସା ହୋଇପାରୁ ଥିବା ରୋଗୀଙ୍କୁ ଏଠାରେ କାହିଁକି ଆଡମିଟ୍ କରାଗଲା ବୋଲି ଅଡିଟ୍ ସମୟରେ ଘରୋଇ ଡାକ୍ତରଖାନାକୁ ଜବାବ୍ ଦେବାକୁ ହୁଏ। ତେଣୁ ଜଟିଳ ରୋଗ ଥିଲେ ଘରୋଇ ଡାକ୍ତରଖାନା ଯିବା ଉଚିତ ବୋଲି ବିଏସ୍‌କେୱାଇ ହିତାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି।

## ୩ ପର୍ଯ୍ୟାୟ ଅଡିଟ୍ ପରେ ଅର୍ଥ ବିଭାଗ କରୁଛି ଯାଞ୍ଚ

ବିଏସ୍‌କେୱାଇ ହିତାଧିକାରୀଙ୍କ ଚିକିତ୍ସା ବାବଦରେ କେତେକ ଘରୋଇ ହସ୍ପିଟାଲ୍ ମୋଟା ଅଙ୍କର ବିଲ୍ କରି ସରକାରଙ୍କଠାରୁ ଅର୍ଥ ଆଦାୟ କରୁଥିବା ନେଇ ସାଧାରଣରେ ଅଭିଯୋଗ ଆସେ। ତେବେ ବିଭାଗ ପକ୍ଷରୁ ଏପରି ଅଭିଯୋଗ ଖଣ୍ଡନ କରାଯିବା ସହିତ ଅଡିଟ୍ ବ୍ୟବସ୍ଥା କଡ଼ାକଡ଼ି ହେଉଛି ବୋଲି ସ୍ପଷ୍ଟ କରାଯାଇଛି। ସେଥିପାଇଁ ବହୁ ବିଏସ୍‌କେୱାଇ ତାଲିକାଭୁକ୍ତ ଘରୋଇ ହସ୍ପିଟାଲଙ୍କ ମୋଟା ବିଲ୍ ପୈଠ କରାଯାଉ ନାହିଁ। ଅଧିକ ବିଲ୍ ହୋଇଥିବା ସ୍ପଷ୍ଟ ହେଲେ ବିଲ୍‌କୁ ଖାରଜ କରାଯାଉଛି। ବିଶେଷଜ୍ଞ ଡାକ୍ତରମାନେ ତିନିଟି ପର୍ଯ୍ୟାୟରେ ଘରୋଇ ଡାକ୍ତରଖାନାର ବିଲ୍ ଅଡିଟ୍ କରିବା ପରେ ଅର୍ଥ ବିଭାଗ ପକ୍ଷରୁ ଲୋକାଲ୍ ଫଣ୍ଡ ଅଡିଟ୍ କରାଯାଉଛି।



## ବିଏସ୍‌କେୱାଇ ସହ ବଦାନ୍ୟତା ବି ଜରୁରି

ସରକାର ପୁରୁଷଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଏବଂ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଦେଉଛନ୍ତି। କିନ୍ତୁ ଅନେକ ରୋଗ ଅଛି, ଯାହା ଖର୍ଚ୍ଚର ସୀମା ଦେଖେ ନାହିଁ। କିନ୍ତୁ ସରକାରଙ୍କ ନିର୍ଦ୍ଦେଶ, ଟଙ୍କା ଅଭାବରୁ କାହାର ଚିକିତ୍ସା ବନ୍ଦ ହେବ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡ ହେଉ ଅବା ଅନ୍ୟ ସରକାରୀ ସହାୟତା ଜରିଆରେ ଆବଶ୍ୟକ ସ୍ଥଳେ ରୋଗୀଙ୍କ ଧାର୍ଯ୍ୟ ସୀମାଠାରୁ ଦୁଇ ତିନି ଗୁଣା ଅଧିକ ଅର୍ଥ ଖର୍ଚ୍ଚ କରାଯାଉଛି। ଗୁରୁତର ରୋଗୀଙ୍କ ଚିକିତ୍ସା ବାବଦ ଅଧିକ ଖର୍ଚ୍ଚ ଯୋଗାଡ଼ କରିବାରେ ସ୍ୱାସ୍ଥ୍ୟ ବିଭାଗର ପୂରା ଟିମ୍ କାମ କରୁଛନ୍ତି। ପରିଣାମ ସ୍ୱରୂପ ଅନେକ ରୋଗୀଙ୍କ ହୃଦୟ, କିଡ୍‌ନୀ, ଯକୃତ୍ ଭଳି ବ୍ୟୟବହୁଳ ପ୍ରତିରୋପଣ ସମ୍ଭବ ହେଉଛି।

## ଖୋର୍ଦ୍ଧା-କଟକ ସବୁଠୁ ଆଗରେ

ବିଏସ୍‌କେୱାଇ ହିତାଧିକାରୀଙ୍କ ଚିକିତ୍ସା ବାବଦରେ ସରକାର ଯେତିକି ଟଙ୍କା ଖର୍ଚ୍ଚ କରୁଛନ୍ତି, ତାହାର ପ୍ରାୟ ସିଂହଭାଗ ଭାଗ ଖୋର୍ଦ୍ଧା, କଟକରେ ଥିବା ଘରୋଇ ଡାକ୍ତରଖାନାକୁ ଯାଉଛି। କାରଣ ରାଜ୍ୟର ସବୁ ଜିଲ୍ଲାର ହିତାଧିକାରୀ ଚିକିତ୍ସା ପାଇଁ ପ୍ରଥମ ପସନ୍ଦ କଟକ, ଭୁବନେଶ୍ୱରରେ ଥିବା କର୍ପୋରେଟ୍ ଡାକ୍ତରଖାନା। ଅବଶ୍ୟ ଗୁରୁତର ରୋଗୀଙ୍କ ପାଇଁ ଏଠାରେ ସବୁଠାରୁ ଭଲ ଚିକିତ୍ସା ବ୍ୟବସ୍ଥା ଅଛି।

## ୧୧୫୦ରୁ ୨୦୫୦ ପ୍ୟାକେଜ୍

ବିଏସ୍‌କେୱାଇ ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବା ସମୟରେ ହିତାଧିକାରୀଙ୍କୁ ୧୧୫୦ ପ୍ରକାର ରୋଗ ଚିକିତ୍ସା ପାଇଁ କ୍ୟାସଲେସ୍ ସୁବିଧା ମିଳୁଥିଲା। ତେବେ ଇତିମଧ୍ୟରେ ରୋଗ ସଂଖ୍ୟା ବଢ଼ି ବଢ଼ି ୨୦୫୦ରେ ପହଞ୍ଚିଲାଣି। ବହୁ ରୋଗ ଏପରି ଅଛି ଯାହା ଛୋଟ ଜଣା ପଡୁଥିଲେ ସୁଦ୍ଧା ଆଗକୁ ଜଟିଳ ରୂପ ଧାରଣ କରିଥାଏ। କିନ୍ତୁ ବିଏସ୍‌କେୱାଇରେ ସାମିଲ ନଥିବାରୁ ଗରିବ ଲୋକଙ୍କୁ ମାଗଣା ଚିକିତ୍ସା ମିଳୁପାରୁ ନଥିଲା। ତେବେ ଆଗକୁ ଚିକିତ୍ସା ପ୍ୟାକେଜ୍‌ରେ ପରିବର୍ତ୍ତନ ଆସିବାର ସମ୍ଭାବନା ଅଛି।

## ତଥାପି ଅଭିଯୋଗ କମ୍ ନାହିଁ

ସରକାର ଯୋଜନା କଲେ, ହିତାଧିକାରୀଙ୍କୁ ସେମାନଙ୍କ ଅଧିକାର ଜଣାଇଲେ ଆଉ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ବି କଲେ। କିନ୍ତୁ ଅନେକ ଘରୋଇ ଡାକ୍ତରଖାନା ଏପରିକି କର୍ପୋରେଟ୍ ହସ୍ପିଟାଲ ଅଛନ୍ତି ଯେଉଁମାନେ ନିଜ ସ୍ୱାର୍ଥ ପାଇଁ ବିଏସ୍‌କେୱାଇ ରୋଗୀଙ୍କୁ ଚିକିତ୍ସା ଦେଉ ନାହାନ୍ତି। କର୍କଟ ରୋଗୀ, ସାପ କାମୁଡ଼ା ରୋଗୀଙ୍କ ପାଖରେ ବିଏସ୍‌କେୱାଇ କାର୍ଡ ଥାଇ ମଧ୍ୟ ଚିକିତ୍ସାରେ ଅବହେଳା ହୋଇଛି। ଖୋଦ୍ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶଦାତାମାନେ ଏପରି ଅଭିଯୋଗ ବିଭାଗ ଆଗକୁ ଆଣିଛନ୍ତି। ଅଭିଯୋଗ ଉପରେ ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

### ବିଏସ୍‌କେୱାଇରେ ଶ୍ରେଷ୍ଠ ୪୭ ଘରୋଇ ଡାକ୍ତରଖାନା

ନିକଟ ଅତୀତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଶ୍ରେଷ୍ଠ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ, ସରକାରୀ ଓ ଘରୋଇ ଡାକ୍ତରଖାନା, ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରିଥିଲେ। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ୪୭ଟି ବିଏସ୍‌କେୱାଇ ତାଲିକାଭୁକ୍ତ ଘରୋଇ ଡାକ୍ତରଖାନାକୁ ପୁରସ୍କୃତ କରିଥିଲେ।

## ଦୁଃସମୟର ବନ୍ଧୁ

ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ସମୟରେ କର୍ପୋରେଟ୍ ହସ୍ପିଟାଲର ଡାକ୍ତରଙ୍କ ପାଖରେ ପହଞ୍ଚିବା ଗାଁରୁ ଆସିଥିବା ଗରିବ ଲୋକଟିଏ ପକ୍ଷରେ ଦୁରୂହ ବ୍ୟାପାର। କିନ୍ତୁ ସରକାର ବିଏସ୍‌କେୱାଇ ଯୋଜନା ସହିତ ହିତାଧିକାରୀଙ୍କ ସହାୟତା ପାଇଁ ସ୍ୱାସ୍ଥ୍ୟ ମିତ୍ରମାନଙ୍କୁ ନିୟୋଜିତ କରିଛନ୍ତି। ପ୍ରାୟତଃ ସବୁ ଡାକ୍ତରଖାନାରେ ଏହି ସ୍ୱାସ୍ଥ୍ୟ ମିତ୍ରମାନେ ରୋଗୀ ଓ ପରିଜନଙ୍କ ସହାୟତା କରୁଛନ୍ତି। ଅଧରାତି ହେଉ ଅବା ଅବିଶ୍ରାନ୍ତ ବର୍ଷା, ଯେ କୌଣସି ପରିସ୍ଥିତିରେ ବି ସେମାନେ ନିଃସ୍ୱାର୍ଥ ସେବା ଯୋଗାଇ ଚାଲିଛନ୍ତି।

## କାରସାଦି କଲେ ବିଦାୟ ନିଅ

ରୋଗୀଙ୍କ ଚିକିତ୍ସା ପାଇଁ ସରାକର ଅର୍ଥ ଦେବାରେ ହେଳା କରୁ ନାହାନ୍ତି। କିନ୍ତୁ ସରକାରଙ୍କୁ ଠକି ଅର୍ଥ ଆଦାୟ କରିବାରେ ବେଶ୍ କିଛି ଘରୋଇ ଡାକ୍ତରଖାନାରେ ଧୁରନ୍ଧର କର୍ମଚାରୀ ଅଛନ୍ତି। ଦଲାଲଙ୍କୁ ଧରି ହେଉ ଅବା ନିଜେ କାରସାଦି କରି ମିଛ ବିଲ୍ କରିବାର ଅନେକ ଅଭିଯୋଗ ଆସିଛି। ଏପରି କାରସାଦିରେ ଲିପ୍ତ ଦୁଇ ଡଜନରୁ ଅଧିକ ଘରୋଇ ଡାକ୍ତରଖାନାକୁ ବାହାର ରାସ୍ତା ଦେଖାଇ ଦିଆଗଲାଣି। ଆଉ କିଛି ଅଭିଯୋଗରେ ଜେଲ୍ ଦର୍ଶନ ମଧ୍ୟ କଲେଣି।

### ୧୭ ରାଜ୍ୟରେ ଓଡ଼ିଆଙ୍କ ସାହାରା

କାମଧନ୍ଦା ପାଇଁ ଘରଠାରୁ ହଜାର ହଜାର କୋଶ ଦୂରରେ ରହୁଛନ୍ତି। କିନ୍ତୁ ଦେହ ଖରାପ ହେଲେ ଚିନ୍ତା ନାହିଁ। ଦେଶର ୧୭ଟି ରାଜ୍ୟର ବଛା ବଛା ଡାକ୍ତରଖାନାରେ ବିଏସ୍‌କେୱାଇ ହିତାଧିକାରୀଙ୍କ ପାଇଁ କ୍ୟାସଲେସ୍ ଚିକିତ୍ସା ବ୍ୟବସ୍ଥା ହୋଇଛି। ସେମାନଙ୍କ ଭଲମନ୍ଦ ବୁଝିବା ପାଇଁ ସରକାର ଲୋକବଳ ବି ଯୋଗାଇଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରେ ସମୁଦାୟ ୮୧୬ଟି ତାଲିକାଭୁକ୍ତ ଘରୋଇ ଡାକ୍ତରଖାନାରେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସେବା ମିଳୁଛି।

### ଜାତୀୟ ସ୍ୱୀକୃତି

ସର୍ବସାଧାରଣଙ୍କୁ ବିନା ମୂଲ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ରାଜ୍ୟ ସରକାରଙ୍କର ବିଏସ୍‌କେୱାଇ ଯୋଜନାକୁ ପୁଣି ଥରେ ମିଳିଛି ଜାତୀୟ ସ୍ୱୀକୃତି। ଗତ ସପ୍ତାହରେ ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଏସ୍‌କେୱାଇକୁ ନ୍ୟାସନାଲ୍ ସ୍କଚ୍ ଆୱାର୍ଡ-ଗୋଲ୍ଡ ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନବସୃଜନ, ସାର୍ବଜନୀନତା, ଉଲ୍ଲେଖନୀୟ ସଫଳତା ଓ ସ୍ୱଚ୍ଛତା ମାନକ ଆଧାରରେ ଏହି ସମ୍ମାନ ମିଳିଛି। ଏହା ପୂର୍ବରୁ ୨୦୧୯ ମସିହାରେ ବିଏସ୍‌କେୱାଇକୁ ନ୍ୟାସ୍‌ନାଲ୍ ସ୍କଚ୍-ଗୋଲ୍ଡ ଆୱାର୍ଡ ମିଳିଥିଲା।




## ଆଶାର ଆଲୋକ ନବୀନ କାର୍ଡ

ଲୋକଙ୍କ ସମସ୍ୟାକୁ ଦେଖି ସରକାର ବିଏସ୍‌କେୱାଇକୁ ବିଭିନ୍ନ ପର୍ଯ୍ୟାୟରେ ସମ୍ପ୍ରସାରଣ କଲେଣି। କିନ୍ତୁ ଯୋଜନାର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଗରିବ ଲୋକଙ୍କ ପାଇଁ ଆଶାର ଆଲୋକ ସାଜିଛି। କଦାପି ବିଏସ୍‌କେୱାଇ ସୁବିଧା ପାଇବ ନାହିଁ ବୋଲି ଧରି ନେଇଥିବା ଗାଁର ଲୋକଟିଏ ଆଜି କ୍ୟାସଲେସ୍ ଚିକିତ୍ସା ସୁବିଧା ପାଇବାକୁ ଯାଉଛି। ସେଥିପାଇଁ ସରକାର ବିଏସ୍‌କେୱାଇ ନବୀନ କାର୍ଡ ପ୍ରଚଳନ କରିଛନ୍ତି। ଆସନ୍ତା ମେ' ମାସରୁ ହିତାଧିକାରୀଙ୍କୁ ଏଥିରେ ଚିକିତ୍ସା ମିଳିବ। କେବଳ ଏତିକି ନୁହେଁ, ସହରାଞ୍ଚଳରେ ରହୁଥିବା ମଧ୍ୟବିତ୍ତ ଲୋକ ମଧ୍ୟ ଆଗକୁ ଏହି ସୁବିଧା ପାଇବେ ବୋଲି ସରକାର ଘୋଷଣା କରିଛନ୍ତି। ଏପରି ହେଲେ ରାଜ୍ୟର ପ୍ରାୟ ସବୁ ପରିବାରକୁ ମାଗଣା ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯାଇପାରିବ।

## ସମସ୍ତେ କହୁଛନ୍ତି ଅନନ୍ୟ

ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ସାଧନ କରୁଥିବା ଓଡ଼ିଶାକୁ ବହୁ ମାଣ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସୁଅ ଛୁଟୁଛି। ଜାତୀୟ, ଅନ୍ତର୍ଜାତୀୟ ସ୍ତରର ବ୍ୟକ୍ତି ଓଡ଼ିଶା ଆସୁଛନ୍ତି। ଓଡ଼ିଶାରେ କ'ଣ ସବୁ ହୋଇଛି ଜାଣିବା ସମୟରେ ସେମାନେ ବିଏସ୍‌କେୱାଇ ବିଷୟରେ ମଧ୍ୟ ଜାଣିବାକୁ ପାଉଛନ୍ତି। ତେବେ ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା, ଅନନ୍ୟ ସରକାରୀ ଯୋଜନା। କେଉଁ ସରକାର ରାଜ୍ୟର ପ୍ରାୟ ସବୁ ନାଗରିକଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଛି? ସେଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପକୁ ଭୂୟସୀ ପ୍ରଶଂସା ମଧ୍ୟ କରିଛନ୍ତି। ■




# ମଡେଲ୍ ପାଲଟିଛି ବିଏସ୍‌କେୱାଇ

ଦେବଦତ୍ତ ଦାଶ, କେନ୍ଦ୍ରାପଡ଼ା

ଗରିବ ଅସହାୟଙ୍କ ପାଇଁ ଯେଉଁ ବେସରକାରୀ ମେଡିକାଲ୍ ଦିନେ ଅପହଞ୍ଚ ଥିଲା, ଆଜି ସେ ସବୁ ସେମାନଙ୍କ ହାତ ପାଆନ୍ତାରେ । ଏହା କେବଳ ବିଜୁ ସ୍ୱାସ୍ଥ୍ୟ କାର୍ଡ ପାଇଁ ସମ୍ଭବ ହୋଇପାରିଛି। ଏହା ମାଧ୍ୟମରେ ସେମାନେ ବିନା ଟଙ୍କାରେ ଚିକିତ୍ସିତ ହୋଇପାରୁଛନ୍ତି। ଏହିଭଳି ଏକ ଉଦାହରଣ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ପୁରୁଷୋତ୍ତମପୁର ଅଞ୍ଚଳର ୫୫ ବର୍ଷୀୟ ପ୍ରମୋଦ କୁମାର କରଙ୍କଠାରେ ଦେଖିବାକୁ ମିଳିଛି। ଟଙ୍କା ଅଭାବରୁ ସେ ବଞ୍ଚିବେନି ବୋଲି କୁହାଯାଉଥିଲା। ତେବେ ମଡେଲ୍ ପାଲଟିଥିବା ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଚିକିତ୍ସିତ ହୋଇ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିଛନ୍ତି। ତାଙ୍କ ପରିବାରର ସମସ୍ତ ସଦସ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଭଳି ଯୁଗାନ୍ତକାରୀ ପଦକ୍ଷେପକୁ ପ୍ରଶଂସା କରି କୃତଜ୍ଞତା ଜ୍ଞାପନ କରିଛନ୍ତି।



୨୦୨୩ ମସିହା ସେପ୍ଟେମ୍ବର ମାସରେ ବିକଟାଳ ଡିଜେ ସାଉଣ୍ଡରେ ପ୍ରମୋଦ ହୃଦ୍‌ଘାତରେ ଶିକାର ହୋଇଥିଲେ। ପ୍ରମୋଦ ଜଣେ ଚାଷୀ ହୋଇଥିବାରୁ ତାଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ପାଖରେ ଟଙ୍କାଟିଏ ନ ଥିବାରୁ ଚିକିତ୍ସା ପାଇଁ କେଉଁଠିକୁ ଯିବେ, ସେନେଇ ପରିବାର ସଦସ୍ୟ ଚିନ୍ତାରେ ରହିଥିଲେ। ଏହାପରେ ତାଙ୍କୁ ନିକଟସ୍ଥ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ହେବା ପରେ 'ହାର୍ଟ ଫେଲ୍' ହୋଇଥିବା ଡାକ୍ତର କହିଥିଲେ। ଏହାପରେ ତାଙ୍କର କଟକ ବଡ଼ ମେଡିକାଲ୍‌ରେ ଚିକିତ୍ସା ଆରମ୍ଭ ହୋଇଥିଲା। ହେଲେ ଅପରେସନ ପାଇଁ ବିଳମ୍ବ ହେବାରୁ ପ୍ରମୋଦଙ୍କୁ ଏକ ବେସରକାରୀ ମେଡିକାଲ୍‌କୁ ପଠାଯାଇଥିଲା। କିନ୍ତୁ ପାଖରେ ଟଙ୍କାଟିଏ ନ ଥିଲା। ସେଇଠୁ ତାଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡର ସାହାଯ୍ୟ ନେବା ପାଇଁ ସମ୍ପୃକ୍ତ ବେସରକାରୀ ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା। ଏହି କାର୍ଡ ମାଧ୍ୟମରେ ତାଙ୍କର ଅପରେସନ୍ ବି ସଫଳତାପୂର୍ବକ କରାଯାଇଥିଲା। ଅପରେସନ୍‌ରେ ଖର୍ଚ୍ଚ ହୋଇଥିବା ୧ ଲକ୍ଷ ୩୨ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ସେହିପରି ପ୍ରମୋଦ ସୁସ୍ଥ ହୋଇ ଘରକୁ ଫେରିଲେ। ଏହି ବିଜୁ ସ୍ୱାସ୍ଥ୍ୟ କାର୍ଡ ପାଇଁ ଜଣେ ଅସହାୟ ଚାଷୀଙ୍କୁ ନୂଆ ଜୀବନ ମିଳିଛି। ବର୍ତ୍ତମାନ ପ୍ରମୋଦ ସୁସ୍ଥ ହେବା ସହ ନିଜ ବିଲରେ ସୁନାର ଫସଲ କରିଛନ୍ତି। ହସଖୁସିରେ ଏବେ ତାଙ୍କ ପରିବାର ଚାଲିଛି।






# ଶରତଙ୍କୁ ବଞ୍ଚାଇ ଦେଲା ବିଏସ୍‌କେୱାଇ

ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବୈପ୍ଳବିକ ପରିବର୍ତ୍ତନ ଆଣିଛି । ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ବିଏସ୍‌କେୱାଇ ଯୋଜନାର ସଫଳ ରୂପାୟନ ହୋଇଛି । ଲକ୍ଷ ଲକ୍ଷ ଗରିବ ଅସହାୟ ଲୋକଙ୍କ ସଂଜୀବନୀ ସଦୃଶ ପାଲଟିଛି ଏହି ମହତ୍ ଯୋଜନା । ବହୁ ଆର୍ଥିକ ଅନଗ୍ରସର ରୋଗୀ ବିଏସ୍‌କେୱାଇ ପାଇଁ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି ।

ଦେବବ୍ରତ ପଟ୍ଟନାୟକ, ରାଉରକେଲା



ଯାଜପୁର ଜିଲ୍ଲା କପାସି ଗ୍ରାମ ନିବାସୀ ଶରତ ଚନ୍ଦ୍ର ପୁହାଣ । ବୟସ ୫୮ ବର୍ଷ । ୧୯୮୬ ମସିହାରେ ସେ ରାଉରକେଲା ଆସିଥିଲେ ପେଟ ଚାଖଣ୍ଡକ ପୋଷିବା ପାଇଁ। ପ୍ରଥମେ ଏକ ଲୁଗା ଦୋକାନରେ କାମ କରୁଥିଲେ। କିଛି ବର୍ଷ ପରେ ସେ କାର ଚଳାଇ ପେଟ ପୋଷିଥିଲେ। ଏବେ ସେ ରାଉରକେଲା ଛେଣ୍ଡ କଲୋନୀରେ ଏକ ଭଡ଼ାଘରେ ରହୁଛନ୍ତି। ପତ୍ନୀ କଳ୍ପନା ଓ ଦୁଇ ଝିଅଙ୍କୁ ନେଇ ତାଙ୍କର ସଂସାର। ବଡ଼ ଝିଅ ସଂଧାରାଣୀ ବିବାହ କଲେଣି। ଗତ ୨୦୨୨ ମସିହା ଡିସେମ୍ବର ୧୨ ତାରିଖରେ ହଠାତ୍ ଶରତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଗ୍ୟାସ୍ ହୋଇଥିବ ଭାବି ମେଡିସିନ୍ ଷ୍ଟୋରରୁ ଗ୍ୟାସ୍ ବଟିକା ଆଣି ଖାଇଥିଲେ। ତେବେ କମିବା ପରିବର୍ତ୍ତେ ଯନ୍ତ୍ରଣା ଅସହ୍ୟ ହେବାରୁ ସେ ରାଉରକେଲା ହାଇଟେକ୍ ମେଡିକାଲ୍‌କୁ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ । ହେଲେ ପରୀକ୍ଷା କରିବା ପରେ ତାଙ୍କ ହାର୍ଟରେ ସମସ୍ୟା ଥିବାରୁ ଷ୍ଟେନ୍ ଲାଗିବ ବୋଲି ଡାକ୍ତର କହିଥିଲେ। ଡାକ୍ତରଙ୍କଠାରୁ ଏହା ଶୁଣି ଶରତ ଏବଂ ତାଙ୍କ ପତ୍ନୀ କଳ୍ପନା ଏଥିପାଇଁ ଏତେଗୁଡ଼ିଏ ଟଙ୍କା କେମିତି ଯୋଗାଡ଼ କରିବେ ବୋଲି ସେଇ ଚିନ୍ତାରେ ପଡ଼ିଗଲେ। ସେତେବେଳେ ବିଏସ୍‌କେଓ୍ୱାଇ କାର୍ଡ ଶରତଙ୍କ ପାଇଁ ବରଦାନ ପାଲଟି ଯାଇଥିଲା। ଏହାପରେ ଡାକ୍ତର ତାଙ୍କର ଅସ୍ତ୍ରୋପଚାର କରି ଛାତିରେ ୩ଟି ଷ୍ଟେନ୍ ଲଗାଇଥିଲେ । ତାଙ୍କୁ ଭେଣ୍ଟିଲେଟର୍ ରେ ୧୯ ଦିନ ରଖା ଯାଇଥିଲା । ଆଇସିୟୁରେ ୧୦ ଦିନ ଏବଂ ଆଉ ପ୍ରାୟ ୨୯ ଦିନ କ୍ୟାବିନ୍‌ରେ ରହିବା ପରେ ଶରତ ଆରୋଗ୍ୟ ହୋଇ ଘରକୁ ଫେରିଥିଲେ।

## ପିତ୍ତକୋଷରେ ପଥର ଅପରେସନ୍ କରି ଜୀବନ ପାଇଲେ ବିନତି

ଜଗତସିଂହପୁର ଅଞ୍ଚଳର କୈଳାସ ଚନ୍ଦ୍ର ରାଉତରାୟ ଜଣେ ଅଟୋ ଚାଳକ। ସେ ରାଉରକେଲା ଛେଣ୍ଡ କଲୋନୀର ହରିହରନଗରରେ ଦୀର୍ଘ ବର୍ଷ ପରିବାର ସହ ରହୁଛନ୍ତି । ପରିବାର କହିଲେ ତାଙ୍କ ପତ୍ନୀ ବିନତି ରାଉତରାୟ, ପୁଅ ସୂର୍ଯ୍ୟକାନ୍ତ ଓ ଝିଅ ସୌଦାମିନୀ। ପତ୍ନୀ ବିନତି ଜଣେ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଭାବେ କାମ କରନ୍ତି । ପେଟରେ ପ୍ରବଳ ଯନ୍ତ୍ରଣା ହେବାରୁ ସେ ହାଇଟେକ୍ ମେଡିକାଲ୍‌ରେ ଡାକ୍ତରଙ୍କୁ ଦେଖାଇଥିଲେ। ସେଠାରେ ଡାକ୍ତର ଦେଖିବା ପରେ ତାଙ୍କର ପିତ୍ତକୋଷରେ ପଥର (ଗଲ୍‌ବ୍ଲଡର୍ ଷ୍ଟୋନ୍) ରହିଥିବା ଜାଣି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରି ଦେଇଥିଲେ। ୨୦୨୩ ଜୁଲାଇ ୧୧ ତାରିଖରେ ସେଠାରେ ତାଙ୍କର ବିଏସ୍‌କେଓ୍ୱାଇ କାର୍ଡ ଜରିଆରେ ଅସ୍ତ୍ରୋପଚାର କରାଯାଇଥିଲା । ୭ ଦିନ ମେଡିକାଲ୍‌ରେ ରହିବା ପରେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ଘରକୁ ଫେରିଥିଲେ। ଏବେ ବିନତି ସମ୍ପୂର୍ଣ୍ଣ ସୁସ୍ଥ ଏବଂ ସ୍ୱାଭାବିକ ଭାବେ ଦୈନନ୍ଦିନ କାର୍ଯ୍ୟ କରି ପାରୁଛନ୍ତି। ସେ ଜଣେ ଗରିବ ହୋଇଥିବାରୁ ତାଙ୍କ ପକ୍ଷେ ୫୦/୬୦ ହଜାର ଟଙ୍କା ଖର୍ଚ୍ଚ କରି ଏଭଳି ଅପରେସନ୍ କରିବା ଏକ ପ୍ରକାର ସ୍ୱପ୍ନ ଥିଲା ବୋଲି କହିଛନ୍ତି ବିନତି। କେବଳ ବିଏସ୍‌କେୱାଇ କାର୍ଡ ଯୋଗୁଁ ପୁଣି ଥରେ ସୁସ୍ଥରେ ବଞ୍ଚିବାର ରାସ୍ତା ମିଳିଲା ବୋଲି ସେ କହିଛନ୍ତି।






## ଜୀବନରେ ଖୁସି ଆଣୁଛି ବିଏସ୍‌କେୱାଇ

# ସହଜ ହୋଇଛି ଜଟିଳ ରୋଗର ଚିକିତ୍ସା

ଚିକିତ୍ସା ଅଭାବରୁ କାହାର ଜୀବନ ନ ଯାଉ । ସମସ୍ତଙ୍କୁ ମିଳୁ ଉନ୍ନତମାନର ଚିକିତ୍ସା ସୁବିଧା । ଏହି ଲକ୍ଷ୍ୟରେ ରାଜ୍ୟ ସରକାର କାର୍ଯ୍ୟକାରୀ କରିଛନ୍ତି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) । ଏହି ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଜନା ଉଲ୍ଲେଖନୀୟ ସଫଳତା ହାସଲ କରିଚାଲିଛି । ବିଭିନ୍ନ ବର୍ଗଙ୍କ ଚିକିତ୍ସା ଜନିତ ଆର୍ଥିକ ଚିନ୍ତା ଦୂର କରି ସେମାନଙ୍କ ଜୀବନରେ ଖୁସି ଭରୁଛି । ବିନା ମୂଲ୍ୟରେ ବଡ଼ ବଡ଼ ହସ୍ପିଟାଲରେ ଉତ୍ତମ ଚିକିତ୍ସା ପାଇପାରୁଛନ୍ତି ରାଜ୍ୟବାସୀ । ପୁରୀ ଜିଲ୍ଲାରେ ମଧ୍ୟ ବେଶ୍ ସଫଳତାର ସହ ଆଗେଇ ଚାଲିଛି ବିଏସ୍‌କେୱାଇ । ସୁରକ୍ଷିତ ମାତୃତ୍ୱଠାରୁ ଆରମ୍ଭ କରି ସବୁ ବୟସର ଲୋକେ ବିଭିନ୍ନ ରୋଗରେ ପାଉଛନ୍ତି ଏହାର ସୁବିଧା । ଏପରିକି ଅନେକ ଲୋକ ଏହି ଯୋଜନା ମାଧ୍ୟମରେ ନୂଆ ଜୀବନ ପାଇପାରିଛନ୍ତି ।

**ହେମନ୍ତ ନାୟକ, ପୁରୀ**

ପୁରୀ ଜିଲ୍ଲାରେ ୯୦ ପ୍ରତିଶତ ଲୋକ ବିଏସ୍‌କେୱାଇ ଅନ୍ତର୍ଭୁକ୍ତ: ଉପକୂଳ ଓଡ଼ିଶାର ପ୍ରଥମ ଜିଲ୍ଲା ଭାବେ ସ୍ମାର୍ଟ ସେବାରେ ଯୋଡ଼ି ହୋଇଥିଲା ପୁରୀ । ୨୦୨୧ ଅକ୍ଟୋବର ୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଗସ୍ତରେ ଆସି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ । ବ୍ରହ୍ମଗିରିରେ ଜିଲ୍ଲାର ପ୍ରଥମ ହିତାଧିକାରୀ ଭାବେ କୁମାରୀ ପରିଡ଼ାଙ୍କୁ ସ୍ମାର୍ଟ କାର୍ଡ ପ୍ରଦାନ କରି ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେବେଠାରୁ ଜିଲ୍ଲାର ଗରିବ ଲୋକଟିଏ ଯଦି ରୋଗରେ ପଡୁଛନ୍ତି, ତେବେ ତାଙ୍କ ପାଇଁ ଆଶୀର୍ବାଦ ପାଲଟୁଛି ଏହି କାର୍ଡ । ଏହି କାର୍ଡ ମାଧ୍ୟମରେ ସେମାନେ ବିଭିନ୍ନ ପ୍ରକାର ରୋଗର ଚିକିତ୍ସା କରାଇପାରୁଛନ୍ତି । ଗରିବ ଲୋକଟିଏ ରୋଗ ହେଲେ ଚିକିତ୍ସା ପାଇଁ ଯେଉଁ ଆର୍ଥିକ ଚିନ୍ତା କରୁଥିଲା, ତାହା ଆଜି ଦୂର ହୋଇପାରିଛି । ରାଜ୍ୟ ତଥା ରାଜ୍ୟ ବାହାରେ ବଡ଼ ବଡ଼ ହସ୍ପିଟାଲରେ ଗରିବ ରୋଗୀର ଜଟିଳ ରୋଗର ଚିକିତ୍ସା ସହଜ ହୋଇପାରିଛି ।

ମିଳିଥିବା ତଥ୍ୟ ମୁତାବକ, ପୁରୀ ଜିଲ୍ଲାର ମୋଟ ଜନସଂଖ୍ୟା ହେଉଛି ୧୯ ଲକ୍ଷ ୩୭ ହଜାର । ଏମାନଙ୍କ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ଲୋକ ବିଏସ୍‌କେୱାଇର ଅନ୍ତର୍ଭୁକ୍ତ ହୋଇପାରିଛନ୍ତି । ଜିଲ୍ଲାର ୨୯ଟି ଘରୋଇ ହସ୍ପିଟାଲରେ ବିଏସ୍‌କେୱାଇ କାର୍ଡ ମାଧ୍ୟମରେ ଚିକିତ୍ସା ସୁବିଧା ମିଳିପାରୁଛି । ବର୍ତ୍ତମାନ ସୁଦ୍ଧା ୧ କୋଟି ୨୬ ଲକ୍ଷ ଲୋକ (ଜଣେ ଲୋକ ଏକାଧିକଥର ହିସାବରେ) ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ସୁବିଧା ପାଇଲେଣି । ବର୍ତ୍ତମାନ ସୁଦ୍ଧା ୪୨ କୋଟି ୪୮ ଲକ୍ଷ ଟଙ୍କା ଏହି କାର୍ଡରେ ଚିକିତ୍ସା ପାଇଁ ଜିଲ୍ଲାର ବିଭିନ୍ନ ହସ୍ପିଟାଲକୁ ଯୋଗାଇ ଦିଆଯାଇଛି ।

**ଗରିବଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଭରସା ବିଏସ୍‌କେୱାଇ**

ପୁରୀ ପିପିଲି ବ୍ଲକ୍ ସଁପୁର ପଞ୍ଚାୟତ ସଁପୁର ଅଷ୍ଟଶମ୍ଭୁ ସାହିର ପୂର୍ଣ୍ଣଚନ୍ଦ୍ର ରାଉଳ । ଗତ ଜୁଲାଇ ମାସରେ ହାଠାତ୍ ଡାହଣ ଗୋଡ଼ରେ ଫଳିଯିବା ସହିତ କୁଣ୍ଡାଇ ହୋଇଥିଲା । ପ୍ରଥମେ ମଙ୍ଗଳପୁର ଓ ପରେ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । କିନ୍ତୁ ରୋଗ କ'ଣ ଜଣା ନ ପଡ଼ିବାରୁ ତାଙ୍କୁ ଭୁବନେଶ୍ୱର ହାଇଟେକ୍ ମେଡିକାଲ୍‌କୁ ନିଆଯାଇଥିଲା । ସେଠାରେ ଗୋଡ଼ରେ ପ୍ଲାଷ୍ଟର ହେବା ସହିତ ଆବଶ୍ୟକୀୟ ସମସ୍ତ ଚିକିତ୍ସା ଖର୍ଚ୍ଚ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡରେ ହିଁ ହୋଇଥିଲା । ଏହାପରେ ସେଠାରୁ ସେ ସମ୍ ହସ୍ପିଟାଲକୁ ଯାଇଥିଲେ । ପ୍ରତିଟି କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଦ୍ୱାରା ଚିକିତ୍ସିତ ହୋଇଥିଲେ । ପାଖରେ ଟଙ୍କା ନ ଥିବା ବେଳେ ପୂର୍ଣ୍ଣଚନ୍ଦ୍ର ଭାବି ନ ଥିଲେ ସେ ଭୁବନେଶ୍ୱର ଯାଇ ବଡ଼ ବଡ଼ ହସ୍ପିଟାଲରେ ଚିକିତ୍ସିତ ହୋଇପାରିବେ । ହେଲେ ବିଏସ୍‌କେୱାଇ ପାଇଁ ତାହା ସମ୍ଭବ ହୋଇଥିଲା । ସେହିପରି ଚନ୍ଦନପୁରର ସ୍ୱାଗତିକା ମିଶ୍ର ହୁଅନ୍ତୁ ଅବା ପୁରୀ ବାଲିସାହିର ଟୁନି ନାୟକ, ଏମାନେ ଜଣେ ଜଣେ ଉଦାହରଣ ମାତ୍ର । ଜିଲ୍ଲାରେ ହଜାର ହଜାର ସଂଖ୍ୟାରେ ଲୋକ ବିଏସ୍‌କେୱାଇ କାର୍ଡ ଦ୍ୱାରା ବହୁ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ସହଜରେ ଉନ୍ନତ ଧରଣର ଚିକିତ୍ସା ସୁବିଧା ପାଇଛନ୍ତି । ସମସ୍ତେ ରାଜ୍ୟ ସରକାରଙ୍କ ଏହି ମହତ୍ୱାକାଂକ୍ଷୀ ଯୋଜନାକୁ ପ୍ରଶଂସା କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛନ୍ତି ।



### ନୂଆ ଜୀବନ ଦେଉଛି ବିଏସ୍‌କେୱାଇ

ପୁରୀ ଜିଲ୍ଲାରେ ବିଏସ୍‌କେୱାଇ କାର୍ଡରେ ଅନେକ ଲୋକ ଚିକିତ୍ସା ସୁବିଧା ପାଇ ପାରିଛନ୍ତି । ସୁରକ୍ଷିତ ମାତୃତ୍ୱ ଲାଭରେ ବଡ଼ ଆଶୀର୍ବାଦ ହୋଇଛି ଏହି କାର୍ଡ । ପ୍ରତିଦିନ ପ୍ରାୟ ଗର୍ଭବତୀ ମହିଳାମାନେ ଭଲ ଭଲ ହସ୍ପିଟାଲରେ ପିଲାଙ୍କୁ ସୁରକ୍ଷିତ ଭାବେ ଜନ୍ମ ଦେଉଛନ୍ତି । ଛୋଟ ରୋଗରୁ ଆରମ୍ଭ କରି ଗୁରୁତର ରୋଗର ସଫଳ ଚିକିତ୍ସା ହୋଇପାରୁଛି । ସେହିପରି ଅନେକଙ୍କ ନୂଆ ଜୀବନ ଦେଇଛି ଏହି ବିଏସ୍‌କେୱାଇ କାର୍ଡ । ସେହିପରି କୈଶୋର ଜୀବନରେ ବି ଖୁସି ଭରିଛି ରାଜ୍ୟ ସରକାରଙ୍କ ଏହି ମହତ୍ୱାକାଂକ୍ଷୀ ଯୋଜନା । ଏମିତି ଅନେକ ଉଦାହରଣ ରହିଛି ।



### ବିଏସ୍‌କେୱାଇ ସୁବିଧା ଉପଲବ୍ଧ ହସ୍ପିଟାଲ

ପୁରୀ ଜିଲ୍ଲାର ୨୯ଟି ଘରୋଇ ହସ୍ପିଟାଲରେ ବିଏସ୍‌କେୱାଇ କାର୍ଡରେ ମିଳୁଛି ଉନ୍ନତମାନର ଚିକିତ୍ସା ସୁବିଧା। ଏହି ହସ୍ପିଟାଲଗୁଡ଼ିକ ମଧ୍ୟରେ ପୁରୀ ପୌରାଞ୍ଚଳରେ ଦେବକୀ, ଇ-୨୪, ସଞ୍ଜୀବନୀ, ଶ୍ରୀଜଗନ୍ନାଥ, ଶ୍ରଦ୍ଧା ନର୍ସିଂହୋମ୍, ଶ୍ରୀକୃଷ୍ଣ ହେଲ୍‌ଥ କେୟାର ଓ ଶିବାନନ୍ଦ କ୍ଲିନିକ ଅନ୍ତର୍ଭୁକ୍ତ ରହିଛି। ସେହିପରି ପୁରୀ ସଦରର ପ୍ରିୟମ୍ବଦା ଚକ୍ଷୁ ଚିକିତ୍ସାଳୟ, ଅଭୟ ହସ୍ପିଟାଲ, ରଶ୍ମିଆୟୁଷ ହସ୍ପିଟାଲ, ରମାମଣି ମଲ୍ଟି ସ୍ପେଶିଆଲିଷ୍ଟ, ସତ୍ୟବାଦୀର କେଶରୀ ନର୍ସିଂହୋମ୍, ଗୋପୀନାଥ ହସ୍ପିଟାଲ, ପିପିଲିର ଉଷା ମେମୋରିଆଲ କ୍ଲିନିକ୍, ଦି ଟ୍ରଷ୍ଟ ହସ୍ପିଟାଲ, ଭୂମିକା ଚକ୍ଷୁ ଚିକିତ୍ସାଳୟ, ନିଗମ ହେଲ୍‌ଥ କେୟାର, ନିମାପଡ଼ାର ଆନନ୍ଦ ପଲି କ୍ଲିନିକ, ନିର୍ମାଲ୍ୟ ନର୍ସିଂହୋମ୍, ଶ୍ରୀ ଦୃଷ୍ଟି ଚକ୍ଷୁ ଚିକିତ୍ସାଳୟ, ସାଇ ସନ୍ତୋଷୀ ହେଲ୍‌ଥ କେୟାର, ଅନନ୍ତ ବଳିଆ ସ୍ୱାସ୍ଥ୍ୟ ସେବା ନିକେତନ, ପଣ୍ଡା ନର୍ସିଂହୋମ୍, ଗୋପର ସେବା ନର୍ସିଂହୋମ୍, କାକଟପୁରର ଶ୍ରୀ ସାଇ ହସ୍ପିଟାଲ, ବ୍ରହ୍ମଗିରିର ରଘୁନାଥ ଚାରିଟେବୁଲ ଟ୍ରଷ୍ଟ, ଶାମୁକା ହସ୍ପିଟାଲ, କୃଷ୍ଣପ୍ରସାଦର ଚିଲିକା ନର୍ସିଂହୋମ୍ ଓ ଉଷାରାଣୀ ନର୍ସିଂହୋମ୍ ଅନ୍ତର୍ଭୁକ୍ତ ।

# ବିଏସ୍‌କେୱାଇରେ ସ୍ୱାସ୍ଥ୍ୟସେବାରେ ବୈପ୍ଳବିକ ପରିବର୍ତ୍ତନ






ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବରଗଡ଼ ଜିଲ୍ଲାର ଲୋକେ ସରକାରୀ ଓ ବେସରକାରୀ ହସ୍‌ପିଟାଲ ଗୁଡ଼ିକରେ ମାଗଣାରେ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ସେହିପରି ଜିଲ୍ଲାର ରୋଗୀମାନେ ରାଜ୍ୟ ବାହାର ୧୫୬ଟି ବଡ଼ ବଡ଼ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ମାଗଣାରେ ପାଉଛନ୍ତି। ବରଗଡ଼ ଜିଲ୍ଲାର ପଦ୍ମପୁର ଓ ସୋହେଲା ଅଞ୍ଚଳ ଲୋକେ ଛତିଶଗଡ଼ର ବସନା ଓ ସରାଇପାଲି ଥିବା ବଡ଼ ବଡ଼ ବେସରକାରୀ ହସପିଟାଲ୍‌ରେ ମାଗଣାରେ ଚିକିତ୍ସିତ ହେଉଛନ୍ତି। ଏହି ଯୋଜନା ଆରମ୍ଭ ପରେ ବରଗଡ଼ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିଛି।

**ବଦ୍ରି ପ୍ରସାଦ ସାହୁ, ବରଗଡ଼**

## ଗରିବ ଲୋକଙ୍କୁ ମାଗଣା ଚିକିତ୍ସା

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ରାଜ୍ୟ ସରକାର ଯୋଗାଇ ଦେଉଥିବା ସ୍ୱାସ୍ଥ୍ୟ ସେବାରେ ଗତ ଚାରି ବର୍ଷ ମଧ୍ୟରେ ବରଗଡ଼ ଜିଲ୍ଲାରେ (୨୦୨୪ ଜାନୁୟାରୀ ପର୍ଯ୍ୟନ୍ତ) ୩୪୩୧୪ ଜଣ ରୋଗୀ ମାଗଣା ସ୍ୱାସ୍ଥ୍ୟ ସୁବିଧା ପାଇ ସାରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ଲୋଗାନ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ'କୁ ଚରିତାର୍ଥ କରୁଥିବା ଏହି ଯୋଜନାରେ ବରଗଡ଼ ଜିଲ୍ଲାରେ ସରକାରୀ ହସ୍‌ପିଟାଲ୍ ସହ ୧୫ଟି ଅତ୍ୟାଧୁନିକ ବେସରକାରୀ ଚିକିତ୍ସାଳୟ ମଧ୍ୟ ସାମିଲ ହୋଇସାରିଛନ୍ତି। ଜିଲ୍ଲାରେ ଏହି ଯୋଜନା ମାଧ୍ୟମରେ ବହୁ ଗରିବ ଲୋକ ଚିକିତ୍ସା ସେବା ପାଇଥିବାବେଳେ ସରକାର ଏଥିପାଇଁ ପ୍ରାୟ ୮୬ କୋଟି ଟଙ୍କା ଦେୟ ପ୍ରଦାନ କରିସାରିଛନ୍ତି। ଗତ ଚାରି ବର୍ଷ ମଧ୍ୟରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସଂଖ୍ୟା ପ୍ରାୟ ୩୪ ଗୁଣ ବୃଦ୍ଧି ପାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ୨୦୨୦ ମସିହାରେ ୪ ଟି ବେସରକାରୀ ହସ୍‌ପିଟାଲ୍‌ରେ ୯୭୨ ଜଣ, ୨୦୨୧ ରେ ୮ ଟି ହସ୍‌ପିଟାଲ୍‌ରେ ୧୬୫୨ ଜଣ, ୨୦୨୨ ରେ ୧୩ ହସ୍‌ପିଟାଲ୍‌ରେ ୯୭୦୬ ଜଣ, ୨୦୨୩ ରେ ୧୫ ଟି ହସ୍‌ପିଟାଲ ୧୯୪୯୭ ଜଣ ଏବଂ ୨୦୨୪ ଜାନୁୟାରୀ ମାସରେ ୧୫ ଟି ହସ୍‌ପିଟାଲରେ ୨୪୮୭ ଜଣ ଚିକିତ୍ସିତ ହୋଇଛନ୍ତି। ଏହି ପରିସଂଖ୍ୟାନରୁ ଜଣାପଡୁଛି ଯେ ୨୦୨୪ ରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ।

## ବେସରକାରୀ ଚିକିତ୍ସାଳୟରେ ବିଏସ୍‌କେୱାଇ ସୁବିଧା

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଜିଲ୍ଲାବାସୀ ବରଗଡ଼ର ବିକାଶ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲ୍, କିଶୋରୀ ନର୍ସିଂ ହୋମ୍, ସାଇ ମଲ୍ଟି ସ୍ପେଶାଲିଟି, ବେହେରା ନର୍ସିଂ ହୋମ୍, ନବଜୀବନ ଚିକିତ୍ସାଳୟ, ଲାୟନ୍ସ ଆଇ ହସ୍‌ପିଟାଲ୍, ଶାନ୍ତି ନର୍ସିଂ ହୋମ୍, ସାଇକୃପା ପଲି କ୍ଲିନିକ୍ ଏଣ୍ଡ ହସ୍‌ପିଟାଲ୍, କ୍ୟାଥେଲିକ୍ ମିଶନ ହସ୍‌ପିଟାଲ୍, ସାଇ ଭିଜନ ଆଇ ହସ୍‌ପିଟାଲ୍, ପୁରୋହିତ ଜେନେରାଲ୍ ହସ୍‌ପିଟାଲ୍ ଏଣ୍ଡ ରିସର୍ଚ୍ଚ ସେଣ୍ଟର, ଅମୃତଧାରା ନର୍ସିଂ ହୋମ୍, ଖ୍ରୀଷ୍ଟିଆନ ହସ୍‌ପିଟାଲ୍ ଦୀପ୍ତିପୁର, ପ୍ରେମସାଇ ନର୍ସିଂ ହୋମ୍, ସୁନୟନା ଆଇ କେୟାର୍‌ରେ ମାଗଣାରେ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି।



## ଚୂଡ଼ାମଣିଙ୍କ ପାଇଁ ସଞ୍ଜୀବନୀ ପାଲଟିଲା ବିଏସ୍‌କେୱାଇ

ବରଗଡ଼ ଜିଲ୍ଲା ସୋହେଲା ବ୍ଲକ୍ ଅନ୍ତର୍ଗତ ପଣ୍ଡକିପାଲି ଗ୍ରାମର ଝରଣା ମେହେରଙ୍କ ଶିଶୁପୁତ୍ର ଚୂଡ଼ାମଣି ମେହେର (୬ ବର୍ଷ) ସିକଲ୍ ସେଲ୍ ଆନିମିଆ ରୋଗରେ ପୀଡ଼ିତ। ତାଙ୍କୁ ନିୟମିତ ବ୍ୟବଧାନରେ ହସ୍ପିଟାଲ୍ ନେବାକୁ ପଡ଼ିଥାଏ, ମାଁ ଝରଣା ତାଙ୍କୁ ଭୀମସାର୍ ବୁର୍ଲା ତଥା ଅନ୍ୟାନ୍ୟ ହସ୍ପିଟାଲ୍‌ରେ ଚିକିତ୍ସା କରିଆସୁଛନ୍ତି। ଗତ କିଛି ଦିନ ତଳେ ହଠାତ୍ ଚୂଡ଼ାମଣିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡ଼ିଥିଲା। ଫଳରେ ତାଙ୍କର ଉତ୍ତମ ଚିକିତ୍ସା ଆବଶ୍ୟକ ଥିଲା। ଏ ସଂପର୍କରେ ସେ ନିଜ ଭାଇ ଦିବସ କୁମାର ସାହୁଙ୍କ ସହ ଆଲୋଚନା କରିଥିଲେ। ଭାଇଙ୍କଠାରୁ ଆଶ୍ୱାସନା ତଥା ସାହସ ପାଇ ଝରଣା ଚୂଡ଼ାମଣିଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନୁବନ୍ଧିତ ରାୟପୁରସ୍ଥିତ ବାଲ୍‌କୋ ମେଡିକାଲ୍ ସେଣ୍ଟରକୁ ନେଇଥିଲେ। ୭ ଦିନ ପର୍ଯ୍ୟନ୍ତ ଆଇସିୟୁରେ ଶିଶୁର ଚିକିତ୍ସା କରାଯାଇଥିଲା। ଫଳରେ ସେ ସମ୍ପୂର୍ଣ୍ଣ ସୁସ୍ଥତା ଅନୁଭବ କରିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ମାଧ୍ୟମରେ ସେ ଲକ୍ଷାଧିକ ଟଙ୍କାର ମାଗଣା ଚିକିତ୍ସା ସୁବିଧା ପାଇପାରିଛନ୍ତି। ବର୍ତ୍ତମାନ ଚୂଡ଼ାମଣିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ରହିଛି।



## କର୍କଟରୁ ମୁକ୍ତି ପାଇଲେ ସୌଭାଗ୍ୟ

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍ ଅନ୍ତର୍ଗତ ସଂକ୍ରି ଗ୍ରାମର ସୌଭାଗ୍ୟ ପଟେଲ ଗତ ୨୦୨୨ ଅପ୍ରେଲରୁ ଅସ୍ଥିକର୍କଟ ରୋଗରେ ପୀଡ଼ିତ ଥିଲେ। ଏହି ସମୟରେ ସୌଭାଗ୍ୟଙ୍କ ଚିକିତ୍ସା କରିବା ତାଙ୍କ ମା' ରଙ୍କଜିନୀ ପଟେଲଙ୍କ ପକ୍ଷରେ ସମ୍ଭବ ହେଉନଥିଲା। ଧୀରେ ଧୀରେ ସୌଭାଗ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଥିଲା। ଏହି ସମୟରେ ସଞ୍ଜୀବନୀ ସାଜିଥିଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ। ତାଙ୍କର ଚିକିତ୍ସା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନୁବନ୍ଧିତ ରାୟପୁରର ବାଲ୍‌କୋ ହସ୍ପିଟାଲ୍‌ରେ କରାଯାଇଥିଲା। ଦୁଇବର୍ଷ ପରେ ସୌଭାଗ୍ୟ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସମସ୍ତଙ୍କୁ ଚକିତ କରିଦେଇଛି। ସୌଭାଗ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏ ପର୍ଯ୍ୟନ୍ତ ଦୁଇବର୍ଷ ମଧ୍ୟରେ ପ୍ରାୟ ୧୨ ଲକ୍ଷରୁ ଅଧିକ ମାଗଣା ଚିକିତ୍ସା ପାଇପାରିଛନ୍ତି। ପ୍ରତ୍ୟେକ ମୁହୂର୍ତ୍ତରେ ଦେବଦୂତ ସଦୃଶ ସୌଭାଗ୍ୟର ଚିକିତ୍ସାରେ ପ୍ରମୁଖ ଭୂମିକା ତୁଲାଇଥିଲେ ଶିକ୍ଷକ ଦିବସ କୁମାର ସାହୁ।




## ଦୁରାରୋଗ୍ୟ ଅସ୍ଥି କର୍କଟରୁ ମୁକ୍ତି ପାଇଲେ ଛାତ୍ରୀ

ବରଗଡ଼ ଜିଲ୍ଲା ସଦର ବ୍ଲକ୍ କଟାପାଲି ଗ୍ରାମର ସପ୍ତମ ଶ୍ରେଣୀର ଛାତ୍ରୀ ଖୁସି ପ୍ରଧାନ। ୨୦୨୩ ମସିହାରେ ସେ ଅସ୍ଥି କର୍କରେ ପୀଡ଼ିତ ଥିଲେ। ଡାକ୍ତରଙ୍କଠାରୁ ଏ ବିଷୟରେ ଜାଣିବା ପରେ ତାଙ୍କ ପିତାମାତାଙ୍କ ମୁଣ୍ଡରେ ଅକାଳ ଚଡ଼କ ପଡ଼ିଥିଲା। ଝିଅର ଚିକିତ୍ସା କିଭଳି କରିବେ, କେଉଁଠୁ ଏତେ ବ୍ୟୟବହୁଳ ଚିକିତ୍ସା ହେବ, ତାହା ଭାବି ଖୁସିର ପିତାମାତା ଭାଙ୍ଗି ପଡ଼ିଥିଲେ। ଏହାପରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ଦେଖି ଖୁସିର ଚିକିତ୍ସା ପାଇଁ ସହାୟତା ପାଇଁ ପାଇକମାଲରେ ରହୁଥିବା ଶିକ୍ଷକ ଦିବସ କୁମାର ସାହୁଙ୍କ ପାଖକୁ ଖୁସିର ବାପା ଏବଂ ମାମୁଁ ଯାଇଥିଲେ। ଦିବସ ସେମାନଙ୍କୁ କର୍କଟ ରୋଗ ଏବଂ ତାହାର ଚିକିତ୍ସା ବାବଦରେ ବୁଝାଇବା ସହ ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କ ପାଇଁ ପ୍ରଦାନ କରାଯାଉଥିବା ବାର୍ଷିକ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ବାବଦରେ ମାର୍ଗଦର୍ଶନ କରିଥିଲେ। ଏହାପରେ ଖୁସିର ଚିକିତ୍ସା ରାୟପୁରସ୍ଥିତ ବାଲ୍‌କୋ ହସ୍ପିଟାଲରେ କରାଯାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ଖୁସିର ଚିକିତ୍ସା ପାଇଁ ଏହି ଯୋଜନା ଜରିଆରେ ପ୍ରାୟ ୯ ଲକ୍ଷ ୭୫ ହଜାର ଟଙ୍କାର ମାଗଣା ଚିକିତ୍ସା ପାଇଥିଲେ। ଯାହାଦ୍ୱାରା ଖୁସି ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ଏହାପରେ ଚଳିତ ବର୍ଷ ମଧ୍ୟ ଲକ୍ଷାଧିକ ଟଙ୍କାର ମାଗଣା ଚିକିତ୍ସା ପାଇବା ପରେ ଖୁସି ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ଥିବା ତାଙ୍କ ବାପା କହିଛନ୍ତି।

## "ଜୀବନ ରକ୍ଷାକାରୀ ଯୋଜନା ବିଏସ୍‌କେୱାଇ"



ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବାସ୍ତବରେ ଏକ ଜୀବନ ରକ୍ଷାକାରୀ ଯୋଜନା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାଦ୍ୱାରା ପ୍ରତିଦିନ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା ହୋଇପାରୁଛି। ଏହାର ସୁବିଧା ଉଠାଇବା ପାଇଁ ସମସ୍ତଙ୍କୁ ଅନୁରୋଧ। ସଠିକ୍ ଢଙ୍ଗରେ ଏହାର ବ୍ୟବହାର ତଥା ଅବଶ୍ୟକ ସ୍ଥଳେ ବିଭିନ୍ନ ହେଲ୍‌ପଲାଇନର ବ୍ୟବହାର କରି ଆମେ ଏହାର ଫାଇଦା ଉଠାଇ ପାରିବା। ଓଡ଼ିଶାବାସୀଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କାର୍ଡ ଏକ ବରଦାନ ସଦୃଶ। ଯାହାର ମୂଲ୍ୟ ଉକ୍ତ ଯୋଜନାର ଲାଭ ପାଇଥିବା ହିତାଧିକାରୀମାନେ ହିଁ ବୁଝିପାରିବେ। ■

**ଦିବସ ସାହୁ, ଶିକ୍ଷକ**




ବରଦାନ ସାଜିଲା ବିଏସ୍‌କେୱାଇ

# ମେନିଞ୍ଜିଓମାରୁ ଆରୋଗ୍ୟ ହେଲେ ଗରିବ ମହିଳା

**ରୋଗ କେବେ ସମୟ ଦେଖି ଆସେ ନାହିଁ କିମ୍ବା ଧନୀ ଗରିବ ପ୍ରଭେଦ ଦେଖେ ନାହିଁ। ବିଭିନ୍ନ ଜଟିଳ ରୋଗରେ ପୀଡ଼ିତ ଅନେକ ବ୍ୟକ୍ତି ଅର୍ଥ ଅଭାବରୁ ଉପଯୁକ୍ତ ଚିକିତ୍ସା ନପାଇ ମୃତ୍ୟୁମୁଖରେ ପଡୁଛନ୍ତି । ଅର୍ଥ ଅଭାବରୁ ଜଣେ ରୋଗୀ ଯେପରି ଚିକିତ୍ସା ନପାଇ ମୃତ୍ୟୁ ମୁଖରେ ନ ପଡ଼େ ତାହା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରଣୟନ କରିଛନ୍ତି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା । ଏଭଳି ଜଟିଳ ରୋଗରେ ପୀଡ଼ିତା ଜଣେ ମହିଳାଙ୍କ ପାଇଁ ବରଦାନ ସାଜିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା । ମେନିଞ୍ଜିଓମା ରୋଗରେ ପୀଡ଼ିତ ହୋଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କିଭଳି ସୁସ୍ଥ ହେଲେ ବୌଦ୍ଧର ଜଣେ ଗରିବ ମହିଳା, ତାକୁ ନେଇ ପ୍ରସ୍ତୁତ ଏହି ରିପୋର୍ଟ ।**

ଦିବ୍ୟ ରଞ୍ଜନ ପଟ୍ଟନାୟକ, ବୌଦ୍ଧ

ବୌଦ୍ଧ ସହର ୬ ନଂ ୱାର୍ଡର ବାସିନ୍ଦା ୪୮ ବର୍ଷୀୟା କାମିନୀ ମାହାର । ମେନିଞ୍ଜିଓମା ନାମକ ଜଟିଳ ରୋଗରେ ସେ ପୀଡ଼ିତ ଥିଲେ । ମେନିଞ୍ଜିଓମା ହେଉଛି ଏକ ପ୍ରକାର ଅଣକର୍କଟ ଜାତୀୟ ଟ୍ୟୁମର, ଯାହା ମସ୍ତିଷ୍କରେ ସୃଷ୍ଟି ହୋଇଥାଏ । ଏହି ରୋଗ ଯୋଗୁଁ ଶ୍ରୀମତୀ ମାହାର ବେଳେ ବେଳେ ହଠାତ୍ ପଡ଼ି ଯାଉଥିଲେ ଏବଂ ତାଙ୍କର ମୁଣ୍ଡବିନ୍ଧା ସମସ୍ୟା ରହିଥିଲା । ସ୍ଥାନୀୟ ଡାକ୍ତରଖାନାରେ ରୋଗର ନିଦାନ ହୋଇ ନପାରିବା ଯୋଗୁଁ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ସିଟି ସ୍କାନ୍ ଏବଂ ଏମ୍ଆର୍ଆଇ ସ୍କାନ୍ କରିବା ପରେ ମସ୍ତିଷ୍କରେ ଟ୍ୟୁମର୍ ଥିବା ଜଣାପଡ଼ିଥିଲା ଏବଂ କଟକ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା । ସେଠାରେ ପରୀକ୍ଷାନିରୀକ୍ଷା ପରେ ମସ୍ତିଷ୍କରେ ଅଣକର୍କଟ ଟ୍ୟୁମର୍ ବା ମେନିଞ୍ଜିଓମା ହୋଇଥିବା ସ୍ପଷ୍ଟ ଜଣାପଡ଼ିଥିଲା । ସେଠାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲ୍ ଯିବାକୁ ପରାମର୍ଶ ଦିଆଯାଇଥିଲା। ଏସସିବିରେ ନ୍ୟୁରୋ ମେଡିସିନ ବିଭାଗରୁ ନ୍ୟୁରୋ ସର୍ଜରୀ ବିଭାଗ ଏବଂ ସେଠାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲ ଚକ୍କର କାଟିବା ପରେ ଏମ୍ସରେ ସର୍ଜରୀ ପାଇଁ ଦୀର୍ଘ ଲାଇନରେ ରହି କିଛି ମାସ ଅପେକ୍ଷା କରିବାକୁ କୁହାଗଲା । ତେଣୁ ଶ୍ରୀମତୀ ମାହାରଙ୍କ ପରିବାର ବେସରକାରୀ ଡାକ୍ତରଖାନାରେ ସର୍ଜରୀ କରିବା ପାଇଁ ଚିନ୍ତା କଲେ । ତେବେ ଏଥିପାଇଁ ୪ ଲକ୍ଷରୁ ୫ ଲକ୍ଷ ଟଙ୍କା ଆବଶ୍ୟକ ଥିଲା । ଇତିମଧ୍ୟରେ ତାଙ୍କ ପରିବାର ଅନେକ ଖର୍ଚ୍ଚାନ୍ତ ହୋଇସାରିଥିବା ବେଳେ ବୌଦ୍ଧ ବସଷ୍ଟାଣ୍ଡରେ ଏକ ଦୋକାନ କରିଥିବା ଶ୍ରୀମତୀ ମାହାରଙ୍କ ସ୍ୱାମୀ ତ୍ରିନାଥ ମାହାରଙ୍କ ପକ୍ଷେ ଏତେ ଟଙ୍କା ଯୋଗାଡ଼ କରିବା ସମ୍ଭବ ନଥିଲା । ଏତିକି ବେଳେ ତାଙ୍କୁ ବରଦାନ ସାବ୍ୟସ୍ତ ହୋଇଥିଲା ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା । ଯଦିଓ ଶ୍ରୀମତୀ ମାହାରଙ୍କ ବିଏସ୍‌କେୱାଇ କାର୍ଡ ରହିଛି, ତେବେ ଏହାର ବ୍ୟବହାର ସମ୍ବନ୍ଧରେ ସେ ଅଜ୍ଞ ଥିଲେ । ପାଖ ପଡ଼ୋଶୀ ଏବଂ ସମ୍ପର୍କୀୟମାନଙ୍କଠାରୁ ସୂଚନା ପାଇ ସେ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସେଠାରେ ତାଙ୍କର ସଫଳ ଅସ୍ତ୍ରୋପଚାର ହୋଇଥିଲା। ଚିକିତ୍ସାଠାରୁ ଆରମ୍ଭ କରି ରହିବା, ଖାଇବା, ପରୀକ୍ଷା ଇତ୍ୟାଦି ପାଇଁ ସମସ୍ତ ଖର୍ଚ୍ଚ ବିଏସ୍‌କେୱାଇ ଅଧୀନରେ ରାଜ୍ୟ ସରକାର ବହନ କରିଥିଲେ । ଚିକିତ୍ସା ବାବଦରେ ପ୍ରାୟ ୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଖର୍ଚ୍ଚ ସମ୍ବନ୍ଧୀୟ ସମସ୍ତ ବିବରଣୀ ପ୍ରତିଦିନ ତାଙ୍କ ମୋବାଇଲକୁ ମେସେଜ୍ ଆସୁଥିଲା । ବିଏସ୍‌କେୱାଇ କଲ୍ ସେଣ୍ଟରରୁ ପ୍ରତ୍ୟହ ତାଙ୍କର ଭଲମନ୍ଦ ତଥ୍ୟ ନିଆଯାଉଥିଲା । ବର୍ତ୍ତମାନ ଶ୍ରୀମତୀ ମାହାର ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ଏହି ଜନମଙ୍ଗଳକାରୀ ଯୋଜନା ଦ୍ୱାରା ଉପକୃତ ହୋଇଥିବାରୁ ସେ ଏବଂ ତାଙ୍କ ପରିବାର ବର୍ଗ ରାଜ୍ୟ ସରକାରଙ୍କୁ ଅଶେଷ କୃତଜ୍ଞତା ଜଣାଇଛନ୍ତି । ଏଇ କେବଳ ଗୋଟିଏ ଉଦାହରଣ, ଏମିତି ଜିଲ୍ଲାର ଅନେକ ବ୍ୟକ୍ତି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସିତ ହୋଇ ଉପକୃତ ହୋଇଛନ୍ତି ।





## ବୌଦ୍ଧରେ ୪ ଲକ୍ଷରୁ ଅଧିକ ହିତାଧିକାରୀ

ବୌଦ୍ଧ ଜିଲ୍ଲାରେ ୧ ଲକ୍ଷ ୧୩ ହଜାର ୯ ଶହ ୩୦ ବିଏସ୍‌କେୱାଇ କାର୍ଡ ପ୍ରଦାନ କରାଯାଇଛି । ତେବେ ଜିଲ୍ଲାର ସମୁଦାୟ ୪ ଲକ୍ଷ ୧ ହଜାର ୫ ଶହ ୬୧ ଜଣ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଏ ପର୍ଯ୍ୟନ୍ତ ୧୯ ହଜାର ୧ ଶହ ୭୧ ଜଣ ହିତାଧିକାରୀ ଏହି ଯୋଜନାରେ ଉପକୃତ ହୋଇଥିବା ସ୍ଥଳେ, ସେମାନଙ୍କ ମଧ୍ୟରୁ ବିରଳ ରୋଗରେ ପୀଡ଼ିତ ୧୦ ହଜାର ୮ ଶହ ୪୫ ଜଣ ଆରୋଗ୍ୟ ଲାଭ କରିସାରିଲେଣି। ବୌଦ୍ଧ ଜିଲ୍ଲାର ରୋଗୀମାନେ ରାଜ୍ୟର ସମ୍ ହସ୍ପିଟାଲ, କିମ୍ସ, ଆମ୍ରି ହସ୍‌ପିଟାଲ୍, ସମ୍ବଲପୁର ସମଲେଶ୍ୱରୀ ନର୍ସିଂ ହୋମ୍ ସମେତ ବିଶାଖାପାଟଣା, ହାଇଦ୍ରାବାଦ, ରାଇପୁର, ଚେନ୍ନାଇସ୍ଥିତ ରାଜ୍ୟ ସରକାରଙ୍କ ବିଭିନ୍ନ ସହବନ୍ଧିତ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିଛନ୍ତି । ଏ ସମସ୍ତଙ୍କ ଚିକିତ୍ସା ବାବଦରେ ଏ ପର୍ଯ୍ୟନ୍ତ ୪୦ କୋଟି ୩୯ ଲକ୍ଷ ୭୮ ହଜାର ୨ ଶହ ୧୮ ଟଙ୍କା ରାଜ୍ୟ ସରକାର ବହନ କରିଥିବା ଜଣାପଡ଼ିଛି ।

# ଗରିବଙ୍କ ପାଇଁ ବରଦାନ ପାଲଟିଛି ବିଏସ୍‌କେୱାଇ




ଅସୀମ ମହାପାତ୍ର ଓ କଳିଙ୍ଗ ସାହୁ, ବାଲେଶ୍ୱର

ରାଜ୍ୟ ସରକାର ଗରିବ ଲୋକମାନଙ୍କ ପାଇଁ ଯୋଜନା ଉପରେ ଯୋଜନା କରୁଛନ୍ତି। ବିଶେଷ କରି ଲୋକମାନଙ୍କ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଶିକ୍ଷା, ଗମନାଗମନ, ପାନୀୟ ଜଳ ଯୋଗାଣ ଆଦି ବିଭିନ୍ନ କ୍ଷେତ୍ରରେ ଉନ୍ନତିମୂଳକ କାର୍ଯ୍ୟ କରି ଚାଲିଛନ୍ତି। ଏପରିକି ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏସ୍‌ଏସ୍‌ଜି ଗ୍ରୁପ୍‌ଠାରୁ ଆରମ୍ଭ କରି ମିଶନ ଶକ୍ତି ପର୍ଯ୍ୟନ୍ତ ବହୁ ଯୋଜନାରେ ଅନ୍ତର୍ଭୁକ୍ତ କରି ସ୍ୱାବଲମ୍ବୀ କରାଯାଉଛି। ଅନ୍ୟପଟେ ଲୋକମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତର ସହ ନେଇ ସେମାନଙ୍କୁ ମାଗଣାରେ ଚିକିତ୍ସା କରିବାର ବ୍ୟବସ୍ଥା ମଧ୍ୟ କରୁଛନ୍ତି। ଯାହାର ପ୍ରତିଫଳନ ହେଉଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ଏହି ଯୋଜନାରେ ବିଶେଷ କରି ଲୋକେ ଏଥିରୁ ଅଧିକ ଲାଭବାନ ହେଉଛନ୍ତି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଏହାର ପ୍ରତିଫଳନ ମଧ୍ୟ ଦେଖିବାକୁ ମିଳିଛି। ବାଲେଶ୍ୱର ଜିଲ୍ଲାର ଲୋକେ ଏହି ଯୋଜନାରେ ସାମିଲ ହୋଇ ଚିକିତ୍ସିତ ହୋଇପାରିଛନ୍ତି। ଯାହାକି ଗରିବ ଲୋକମାନଙ୍କ ପାଇଁ ଏହା ଏକ ବରଦାନ ସଦୃଶ ହୋଇଛି।

## ୨୦୨୩-୨୪ରେ ୪୬ ହଜାରରୁ ଅଧିକ ରୋଗୀ ଉପକୃତ

୨୦୧୯ ମସିହାଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ ହୋଇଛି। ତେବେ ଏହାରି ମଧ୍ୟରେ ଜିଲ୍ଲାରେ ୪ ବର୍ଷ ମଧ୍ୟରେ ୮୦ ହଜାର ଲୋକେ ଉପକୃତ ହୋଇସାରିଲେଣି। ବିଶେଷ କରି ୨୦୨୩ ଜାନୁଆରୀଠାରୁ ୨୦୨୪ ଜାନୁଆରୀ ପର୍ଯ୍ୟନ୍ତ ଜିଲ୍ଲାରେ ମୋଟ ୪୬୭୫୦ ଜଣ ରୋଗୀ ଏହି ଯୋଜନାରେ ଉପକୃତ ହୋଇସାରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଜିଲ୍ଲା କୋ-ଅର୍ଡିନେଟର୍ ଅଜୟ ପ୍ରଧାନଙ୍କ ସୂଚନା ଅନୁସାରେ, ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ଲୋକେ ସରକାରଙ୍କ ଏହି ଯୋଜନାରେ ସାମିଲ ଅଛନ୍ତି। ବିଶେଷ କରି ଏହି ଯୋଜନା ମାଧ୍ୟମରେ ଚିକିତ୍ସା ପାଇଁ ମୋତିଆବିନ୍ଦୁ, ହାର୍ନିଆ, ଡାୟାଓଲିସିସ୍, ଅର୍ଥପେଡିକ୍ ଆଦି ୨୦୬୬ଟି ରୋଗକୁ ଅନ୍ତର୍ଭୁକ୍ତ କରାଯାଇଛି।

## ୨୭ଟି ପଞ୍ଜୀକୃତ ଚିକିତ୍ସାଳୟ

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବିଶେଷ କରି ଗରିବ ଲୋକମାନେ ଉପକୃତ ହେଉଛନ୍ତି। ଏହି ଯୋଜନାରେ ଜିଲ୍ଲାରେ ଚିକିତ୍ସିତ ହେବା ସହ ରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ସେମାନେ ଚିକିତ୍ସିତ ହୋଇପାରୁଛନ୍ତି। ଏଥିପାଇଁ ଜିଲ୍ଲାର ୨୭ଟି ଚିକିତ୍ସାଳୟ ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ଜଳେଶ୍ୱର ଏବଂ ଭୋଗରାଇ ପାଇଁ ୯ଟି ହସ୍ପିଟାଲ୍ ରହିଥିବା ବେଳେ ସୋର ଏବଂ ମାର୍କୋଣା ପାଇଁ ୬ଟି ଡାକ୍ତରଖାନା, ଖନ୍ତାପଡ଼ାରେ ଗୋଟିଏ, ରେମୁଣା ବ୍ଲକ୍‌ରେ ଦୁଇଟି ସମେତ ସଦର ବ୍ଲକ୍‌ରେ ୯ଟି ଚିକିତ୍ସାଳୟ ପଞ୍ଜୀକୃତ ହୋଇଛି। ଏହି ଯୋଜନାରେ ଚିକିତ୍ସା ସହାୟତା ପାଇଥିବା ହିତାଧିକାରୀଙ୍କୁ ସୁବିଧା ପାଇଁ ପ୍ରତ୍ୟେକ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ମିତ୍ରଙ୍କୁ ନିୟୋଜିତ କରାଯାଇଛି। ବାଲେଶ୍ୱର ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପଞ୍ଜୀକୃତ ହୋଇଥିବା ହସ୍ପିଟାଲ୍‌ରେ ୪୨ ଜଣ ସ୍ୱାସ୍ଥ୍ୟମିତ୍ର ନିୟୋଜିତ ହୋଇଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଦୁଇ ଜଣ ଜିଲ୍ଲା ସଂଯୋଜକ ମଧ୍ୟ ନିୟୋଜିତ ଅଛନ୍ତି। ଏହି ଯୋଜନାରେ ୧୦ ଲକ୍ଷ ଟଙ୍କା ରହୁଛି।

### ପ୍ରହଲ୍ଲାଦଙ୍କ ଜୀବନ ବଞ୍ଚାଇଲା ବିଏସ୍‌କେୱାଇ



ବାଲେଶ୍ୱର ସଦର ବ୍ଲକ୍ ଅନ୍ତର୍ଗତ ବୁଆଁଳ ଅଞ୍ଚଳର ପ୍ରହଲ୍ଲାଦ ବେହେରା ବିଷ ଖାଇଦେଇଥିଲେ। ଫଳରେ ତାଙ୍କ ଶରୀରର ବିଭିନ୍ନ ଅଙ୍ଗ ଖରାପ ହୋଇଯାଇଥିଲା। ଯାହାଫଳରେ ସେ ବିଏସ୍‌କେୱାଇ କାର୍ଡ ମାଧ୍ୟମରେ ସେ ଲକ୍ଷ୍ମୀକାନ୍ତ ହେଲଥ୍ କେୟାର୍‌ରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କୁ ୧୭ ଦିନ ଆଇସିୟୁରେ ରହିବାକୁ ପଡ଼ିଥିଲା । ତାଙ୍କ ଚିକିତ୍ସା ବାବଦକୁ ୧ ଲକ୍ଷ ୯୫ ହଜାର ୭ ଶହ ଟଙ୍କା ଖର୍ଚ୍ଚ ହୋଇଥିଲା। ପ୍ରହଲ୍ଲାଦଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିଥିଲେ। ସେଠାରୁ ସେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଘରକୁ ଫେରିଥିଲେ।

### ଆଣ୍ଠୁ ଯନ୍ତ୍ରଣାରୁ ମୁକ୍ତି ପାଇଲେ ଶାନ୍ତିଲତା



ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଅମ୍ବାପୂଜା ଅଞ୍ଚଳର ଶାନ୍ତିଲତା ଜେନା। ତାଙ୍କ ଆଣ୍ଠୁରେ ଯନ୍ତ୍ରଣା ହେଉଥିଲା। ତାଙ୍କ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ, ତେଣୁ ଅପରେସନ୍ ପାଇଁ ଆବଶ୍ୟକ ଟଙ୍କା ତାଙ୍କ ପାଖରେ ନଥିଲା। ତେଣୁ ସେ ବିଏସ୍‌କେୱାଇ ଯୋଜନାରେ ଚିକିତ୍ସିତ ହେବା ପାଇଁ ଡାକ୍ତରଖାନାକୁ ଗଲେ। ସେ ବାଲେଶ୍ୱରସ୍ଥିତ ଶ୍ରୀରାମ ମେଡିକାଲ୍‌ରେ ଚିକିତ୍ସା କରାଇବା ପରେ ଆଣ୍ଠୁ ଚକି ସମ୍ପୂର୍ଣ୍ଣ ଭାବେ ନୂଆ ଲଗାଯାଇଥିଲା। ଏଥିପାଇଁ ଚଳିତ ବର୍ଷ ଫେବୃଆରୀ ୭ ତାରିଖରେ ମେଡିକାଲ୍‌ରେ ଆଡମିସନ୍ କରିବା ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ୧୨ ତାରିଖରେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଏହାରି ମଧ୍ୟରେ ତାଙ୍କର ମୋଟ ୧ ଲକ୍ଷ ୫୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ସମସ୍ତ ଟଙ୍କା ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ହୋଇଥିଲା। ବାଲେଶ୍ୱର ଜିଲ୍ଲାର କେବଳ ପ୍ରହଲ୍ଲାଦ ବେହେରା କି ଶାନ୍ତିଲତା ଜେନା ନୁହଁନ୍ତି, ଏମିତି ହଜାର ହଜାର ଗରିବ ଲୋକ ବିଏସ୍‌କେୱାଇ ଜରିଆରେ ଚିକିତ୍ସିତ ହୋଇ ଉପକୃତ ହେଉଛନ୍ତି।



# ମାଲକାନଗିରିରେ ବିଏସ୍‌କେୱାଇର ସଫଳ ରୂପାୟନ

ଅଶୋକ ମିଶ୍ର, ମାଲକାନଗିରି

ଆର୍ଥିକ ଅଭାବରୁ ଯେମିତି ରାଜ୍ୟର କେହି ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନହୁଅନ୍ତୁ, ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଶୁଭାରମ୍ଭ କରିଥିଲେ। ମାଲକାନଗିରି ଜିଲ୍ଲାରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଲକ୍ଷ ଲକ୍ଷ ଲୋକେ ଉପକୃତ ହୋଇଛନ୍ତି। ଏହି ଯୋଜନା ବର୍ତ୍ତମାନ ଅନେକ ଲୋକଙ୍କ ପାଇଁ ବରଦାନ ପାଲଟିଛି। ସାରା ରାଜ୍ୟରେ ଏହାର ସଫଳ ରୂପାୟନ ହେଉଥିବାବେଳେ ମାଲକାନଗିରି ଜିଲ୍ଲାରେ ମଧ୍ୟ ଅନେକ ହିତାଧିକାରୀ ଏହାର ସୁଫଳ ପାଇଛନ୍ତି ।

### ନୂଆ ଜୀବନ ପାଇଲେ ପ୍ରସନ୍ନ



ମାଲକାନଗିରି ଜିଲ୍ଲା ସଦରରେ ଥିବା ଭେଟ୍‌ନାରୀ କଲୋନୀ ବାସିନ୍ଦା ପ୍ରସନ୍ନ ମହାନ୍ତି। ବିଏସ୍‌କେୱାଇ ଯୋଗୁଁ ସେ ନୂଆ ଜୀବନ ପାଇଛନ୍ତି। ପ୍ରସନ୍ନଙ୍କ କହିବା ଅନୁସାରେ ବିଗତ କିଛିଦିନ ପୂର୍ବେ ଏକ ବଡ଼ ଦୁର୍ଘଟଣାରେ ତାଙ୍କ ଗୋଡ଼ ଭାଙ୍ଗି ହାଡ଼ ୩ ଖଣ୍ଡ ହୋଇଯାଇଥିଲା। ଯାହାଫଳରେ ଚଲାବୁଲା କରିବାରେ ସେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଅବସ୍ଥାରେ ରହିଥିଲେ। ସ୍ୱଳ୍ପ ରୋଜଗାର ମଧ୍ୟରେ ସେ ସଂସାର ଚଳାଉଥିବା ବେଳେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହେବା ପରେ ମଧ୍ୟ ବିଶେଷ ସୁଫଳ ମିଳିପାରିନଥିଲା। ଦିନକୁ ଦିନ ଗୋଡ଼ ଫୁଲିବାରେ ଲାଗିଥିଲା, ଯାହାଫଳରେ ଭୀଷଣ ଯନ୍ତ୍ରଣା ଭୋଗିବାକୁ ପଡୁଥିଲା। ତେବେ ତାଙ୍କୁ ଉତ୍ତମ ଚିକିତ୍ସାର ଅବଶ୍ୟକତା ଥିବା ବେଳେ ସେ କିଛି ବୁଦ୍ଧିଜୀବୀଙ୍କ ପରାମର୍ଶ ଓ ସହଯୋଗ କ୍ରମେ ତୁରନ୍ତ ବିଶାଖାପାଟଣା ଯାଇଥିଲେ। ସେଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ସହାୟତାରେ ପ୍ରସନ୍ନଙ୍କ ଉତ୍ତମ ଚିକିତ୍ସା ହୋଇଥିଲା। ଗୋଡ଼ର ସଫଳ ଅସ୍ତ୍ରୋପ୍ରଚାର ପରେ ବର୍ତ୍ତମାନ ପ୍ରସନ୍ନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଯୋଗୁ ନିଜେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ପ୍ରସନ୍ନ ଓ ତାଙ୍କ ପରିବାର ଲୋକେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।





# ସଞ୍ଜୀବନୀ ସାଜିଛି ବିଏସ୍‌କେୱାଇ

ଶିଶିରକାନ୍ତ ଶତପଥି ଓ ଅଭିଲାଷ ହୋତା, ବଲାଙ୍ଗିର

**ଗରିବଙ୍କ ପାଇଁ ସଞ୍ଜୀବନୀ ସାଜିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ବିଭିନ୍ନ ଜଟିଳ ରୋଗରେ ପୀଡ଼ିତ ରୋଗୀ ଅର୍ଥାଭାବ ଯୋଗୁଁ ଚିକିତ୍ସାରୁ ବଞ୍ଚିତ ହେଉଥିବା ବେଳେ ଏବେ ଏହି ଯୋଜନା ସେମାନଙ୍କ ପାଇଁ ସଂଜୀବନୀ ସାଜିଛି। କେବଳ ସରକାରୀ ଡାକ୍ତରଖାନା ନୁହଁ, ଏହି ଯୋଜନା ମାଧ୍ୟମରେ ରାଜ୍ୟ ତଥା ରାଜ୍ୟ ବାହାରର ଘରୋଇ ଡାକ୍ତରଖାନାଗୁଡ଼ିକରେ ରୋଗୀମାନଙ୍କର ସଂପୂର୍ଣ୍ଣ ମାଗଣା ଚିକିତ୍ସା କରାଯାଉଛି। ଅନେକ ରୋଗୀ ମାଗଣା ଚିକିତ୍ସା କରାଇ ଏବେ ଆରୋଗ୍ୟ ଲାଭ କରି ଖୁସିରେ ଜୀବନ ବିତାଉଛନ୍ତି। ବଲାଙ୍ଗିର ଜିଲ୍ଲାରେ ମଧ୍ୟ ଏହାର ସଫଳ ରୂପାୟନ ହୋଇପାରିଛି।**

## ବଲାଙ୍ଗିରରେ ବିଏସ୍‌କେୱାଇର ସଫଳତା

ବିଏସ୍‌କେୱାଇ ମାଧ୍ୟମରେ ବଲାଙ୍ଗିର ଜିଲ୍ଲାରେ ବିଭିନ୍ନ ଜଟିଳ ରୋଗର ଶିକାର ହୋଇଥିବା ବହୁ ଗରିବ ଲୋକ ମାଗଣାରେ ଚିକିତ୍ସିତ ହୋଇପାରୁଛନ୍ତି। ବିଭାଗୀୟ ସୂଚନା ଅନୁସାରେ ଜିଲ୍ଲାର ୧ କୋଟି ୨୫୮ ଲକ୍ଷ ରୋଗୀ ଏହି ଯୋଜନାରେ ମାଗଣା ଚିକିତ୍ସା କରାଇସାରିଥିବା ଜଣାପଡ଼ିଛି। ସେହିପରି ଏହି ରୋଗୀମାନଙ୍କ ପାଇଁ ଉକ୍ତ ଯୋଜନାରେ ୨୩ କୋଟି ୫୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଏଥିରେ ଅନେକ ଗୁରୁତର ରୋଗୀ ମଧ୍ୟ ରହିଛନ୍ତି, ଯେଉଁମାନେ କି କର୍କଟ, ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ଘରୋଇ ଡାକ୍ତରଖାନାଗୁଡ଼ିକରେ ମାଗଣାରେ ଚିକିତ୍ସିତ ହୋଇପାରୁଛନ୍ତି।

## ମୁଖ୍ୟମନ୍ତ୍ରୀ ବଞ୍ଚାଇ ଦେଲେ : ରୁଷଭ

ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ୍ ଛତାପିପଲ ଗାଁର ରୁଷଭ କଲତା। ବୟସ ପ୍ରାୟ ୬୫ ବର୍ଷ। ସବୁ ଠିକ୍‌ଠାକ୍ ଚାଲିଥିବା ବେଳେ ୨୦୨୨ ମସିହାରେ ରୁଷଭଙ୍କ ପରିବାରରେ ପଡ଼ିଥିଲା ଚଡ଼କ। ଏହି ସମୟରେ ସେ ଗଳା କର୍କଟ ରୋଗରେ ଆକ୍ରାନ୍ତ ଥିବା ଜାଣିବାକୁ ପାଇଥିଲେ। ଚିକିତ୍ସାରେ ଅର୍ଥ ବାଧକ ସାଜିଥିବା ବେଳେ ତାଙ୍କ ବଞ୍ଚିବା ଏକ ପ୍ରକାର ଅନିଶ୍ଚିତ ରହିଥିଲା। ପ୍ରଥମେ ବଲାଙ୍ଗିର ପରେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଇବା ପରେ ନିରାଶ ହୋଇ ଡାକ୍ତରଙ୍କ ପରାମର୍ଶକ୍ରମେ ବିଏସ୍‌କେୱାଇ ଅଧିକାରୀଙ୍କୁ ରୁଷଭଙ୍କ ପୁଅ ସାକ୍ଷାତ କରିଥିଲେ। ଏହି ସମୟରେ ରୁଷଭଙ୍କ ପାଇଁ ନୂଆ ଆଶାର କିରଣ ଭାବେ ଉଭା ହୋଇଥିଲା ବିଏସ୍‌କେୱାଇ। ଏହି ଯୋଜନାରେ ଛତିଶଗଡ଼ର ବାଲ୍‌କୋ ଘରୋଇ ଡାକ୍ତରଖାନାରେ ରୁଷଭଙ୍କ ଚିକିତ୍ସା କରାଯାଇଥିଲା। ତାଙ୍କର ଚିକିତ୍ସା ମାଗଣାରେ ହୋଇଥିଲା। ଏବେ ରୁଷଭ ସୁସ୍ଥ ଅଛନ୍ତି। ପୂର୍ବଭଳି ସମସ୍ତ କାମ କରୁଛନ୍ତି।





## ଜୀବନ ଦେଇଛି ବିଏସ୍‌କେୱାଇ

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ କୁଟୁରାପାଲି ଗାଁର ସୁମନ୍ତୀ ବାଗ। ବୟସ ପ୍ରାୟ ୪୯ ହେବ। ଏହି ବୟସରେ ଗତ ୨୦୨୨ ମସିହାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଲା। ପ୍ରଥମେ ଭୀମଭୋଇ ମେଡିକାଲ୍ କଲେଜ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ତଥାପି ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିନଥିଲା, ଫଳରେ ଡାକ୍ତରଙ୍କ ପରାମର୍ଶକ୍ରମେ ଛତିଶଗଡ଼ ରାୟପୁରସ୍ଥିତ ବାଲ୍‌କୋ ଘରୋଇ ଡାକ୍ତରଖାନାକୁ ଯାଇ ତାଙ୍କ ଚିକିତ୍ସା କରାଇଥିଲେ। ସେଠାରେ ତାଙ୍କର ସ୍ତନ କର୍କଟ ହୋଇଥିବା ଜଣାପଡ଼ିଥିଲା। ଏହା ଜଣାପଡ଼ିବା ପରେ ଚିକିତ୍ସା ପାଇଁ ଏତେ ଟଙ୍କା ଆସିବ କେଉଁଠୁ ତାହା ସବୁଠାରୁ ବଡ଼ ସମସ୍ୟା ଥିଲା। ତେବେ ବିଏସ୍‌କେୱାଇ କାର୍ଡରେ ସୁମନ୍ତୀଙ୍କ ଚିକିତ୍ସା ବାଲ୍‌କୋ ଡାକ୍ତରଖାନାରେ ଆରମ୍ଭ ହୋଇଥିଲା। ଏହି ଯୋଜନାରେ ତାଙ୍କର ସମସ୍ତ ଚେକ୍‌ଅପ୍, ଚିକିତ୍ସା, ଔଷଧ, କେମୋ ଏପରିକି ସର୍ଜରୀ ମଧ୍ୟ ମାଗଣାରେ କରାଯାଇଥିଲା। ସୁମନ୍ତୀ ଏବେ ଘରେ ସୁସ୍ଥ ଅଛନ୍ତି। ହାତରେ ବିଏସ୍‌କେୱାଇ କାର୍ଡ ନଥିଲେ, ତାଙ୍କ ପାଇଁ ବଞ୍ଚିବା ଅସମ୍ଭବ ହୋଇଥାନ୍ତା ବୋଲି ସେ କହିଛନ୍ତି।

## କେଉଁଠି ମିଳିଛି ମାଗଣା ଚିକିତ୍ସା

ବିଏସ୍‌କେୱାଇ ଯୋଜନାରେ ବଲାଙ୍ଗିର ଜିଲ୍ଲାରେ ୩୦୪ ଡାକ୍ତରଖାନାରେ ରୋଗୀମାନେ ମାଗଣା ଚିକିତ୍ସା ପାଇପାରୁଛନ୍ତି। ଏଥିରେ ୨୯୩ଟି ସରକାରୀ ଡାକ୍ତରଖାନା ରହିଛି। ଯେଉଁଥିରେ କି ଉଭୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଭୁକ୍ତ। ରୋଗୀମାନେ ଗ୍ରାମାଞ୍ଚଳରେ ଥିଲେ ମଧ୍ୟ ପିଏସ୍‌ସିଗୁଡ଼ିକରେ ମାଗଣା ଚିକିତ୍ସା ପାଇବା ସହ ଔଷଧ ପାଇପାରୁଛନ୍ତି। ବିଏସ୍‌କେୱାଇରେ ଅନ୍ତର୍ଭୁକ୍ତ ବଲାଙ୍ଗିର ଜିଲ୍ଲାର ଘରୋଇ ଡାକ୍ତରଖାନା ତାଲିକାରେ ଆୟୁବ ଖାନ ମଲ୍‌ଟିସ୍ପେସିଆଲିଟି ଡାକ୍ତରଖାନା, ଇଆରବିଏଚ୍‌ଏସ୍ ନେତ୍ର ନିକେତନ ଚକ୍ଷୁ ସୁପ୍ରିମଟାକ୍ସ ଜେନେରାଲ ହସ୍‌ପିଟାଲ୍, ଜୀବନ ଜ୍ୟୋତି ନର୍ସିଂହୋମ୍, ମଙ୍ଗଳ ହେଲ୍‌ଥ କେୟାର୍ ଆଣ୍ଡ ଡାଇଗ୍ନୋଷ୍ଟିକ କେନ୍ଦ୍ର, ନ୍ୟୁ ଆପୋଲୋ ହସ୍‌ପିଟାଲ୍ ଆଣ୍ଡ ଡାଇଗ୍ନୋଷ୍ଟିକ୍, ନ୍ୟୁ ଲାଇଫ୍ ହସ୍‌ପିଟାଲ୍, ସମଲେଶ୍ୱରୀ ମଲ୍‌ଟି ସ୍ପେସିଆଲିଟି ହସ୍‌ପିଟାଲ୍, ସମଲେଶ୍ୱରୀ ହସ୍‌ପିଟାଲ୍ ଆଣ୍ଡ ନର୍ସିଂହୋମ୍, ଏସ୍‌ସିଡି ଚକ୍ଷୁ ଡାକ୍ତରଖାନା, ସାଇଟ୍ ଆଣ୍ଡ ସ୍ମାଇଲ୍ ଚାରିଟେବୁଲ୍ ହସ୍‌ପିଟାଲ୍, ସୁନୟନା ଚକ୍ଷୁ ଡାକ୍ତରଖାନା ଆଦି ଅନ୍ତର୍ଭୁକ୍ତ। ■

# ୧୬ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଆଶାବାଡ଼ି ବିଏସ୍‌କେୱାଇ

ଜୟକୃଷ୍ଣ ସେଠ, ସୁନ୍ଦରଗଡ଼

ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାରେ ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ୧୬ ଲକ୍ଷ ୬୦ ହଜାର ୨୨୧ ଜଣ ହିତାଧିକାରୀଙ୍କ ଆଶାବାଡ଼ି ସାଜିଛି। ଗାଡ଼ି ଧକ୍କାରେ ଆହତ ହୋଇ ମାଲିକଙ୍କ ସହାୟତାରୁ ବଞ୍ଚିତ ହେଉ କି ସୁନ୍ଦରଗଡ଼କୁ ଆସି ପେଟ ପୋଷୁଥିବା ଗରିବ ପରିବାର ହେଉ, ଏହି କାର୍ଡ ମାଧ୍ୟମରେ ହଜାର ହଜାର ଗରିବ ଲୋକଙ୍କ ଜୀବନ ରକ୍ଷା ହେଉଛି। ଚଳିତ ଆର୍ଥିକ ବର୍ଷରେ ଅଦ୍ୟାବଧି ୩୭ ହଜାର ୪୬୯ ଜଣ ହିତାଧିକାରୀ ଉପକୃତ ହୋଇ ସାଜିଛନ୍ତି। ଏ ବାବଦକୁ ରାଜ୍ୟ ସରକାର ୨୧୨ କୋଟି ୧୦ ଲକ୍ଷ ୧୪୦୧ ଟଙ୍କା ଖର୍ଚ୍ଚ କରିଛନ୍ତି। ସେପଟେ ଜିଲ୍ଲାରେ ଏହି ଯୋଜନାରେ ଉପକୃତଙ୍କ ସଂଖ୍ୟା ୧ ଲକ୍ଷ ୧୨ ହଜାର ୪୬୮ ରେ ପହଞ୍ଚିଛି। ତେବେ ଜଣେ ଜଣେ ହିତାଧିକାରୀ ଏକାଧିକ ଥର ମଧ୍ୟ ଏହି ଯୋଜନାରେ ଉପକୃତ ହୋଇଛନ୍ତି। ଏହି ଜିଲ୍ଲାରେ ୪ ଲକ୍ଷ ୪୫ ହଜାର ୭୯୧ଟି ବିଏସକେୱାଇ କାର୍ଡ ରହିଛନ୍ତି। ଏହି କାର୍ଡରେ ୮ ଲକ୍ଷ ୪୦ ହଜାର ୫୬୪ ଜଣ ପୁରୁଷ, ୮ ଲକ୍ଷ ୧୯ ହଜାର ୨୧୦ ଜଣ ମହିଳା ଏବଂ ୪୪୭ ଜଣ ତୃତୀୟ ଲିଙ୍ଗୀ ହିତାଧିକାରୀ ରହିଛନ୍ତି।





**ବିଏସ୍‌କେୱାଇ ବଞ୍ଚାଇଲା ଦୁର୍ଘଟଣାଗ୍ରସ୍ତ ମହିଳାଙ୍କ ଜୀବନ**



ପଥର ଗୋଡ଼ି ବୋଝେଇ ଗାଡ଼ି ଧକ୍କାରେ ଜଣେ ଗରିବ ଆଦିବାସୀ ମହିଳା ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ି ମାଲିକ କିଛି ସହାୟତା ଦେଇ ନଥିଲେ। ଅନ୍ୟପକ୍ଷରେ ନିଜ ଖର୍ଚ୍ଚରେ ବି ଚିକିତ୍ସା ସମ୍ଭବପର ହୋଇ ଥାଆନ୍ତା। ଏଭଳି ପରିସ୍ଥିତିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହାୟତାରେ ସେ ଏକ ଘରୋଇ ଡାକ୍ତରଖାନାରେ ମାସାଧିକ କାଳ ଚିକିତ୍ସିତ ହୋଇ ନୂଆଁ ଜୀବନ ପାଇଥିଲେ। ଏହି ମହିଳା ଜଣକ ହେଉଛନ୍ତି ଲେଫ୍ରିପଡ଼ା ବ୍ଲକ୍ ଅନ୍ତର୍ଗତ କୁରୁମକେଲ ଗ୍ରାମର ସୁରେନ୍ଦ୍ର ମାଝୀଙ୍କ ପତ୍ନୀ କୁନ୍ତଳା ମାଝୀ (୩୭)। ସ୍ୱାମୀ ଓ ତିନି ଝିଅଙ୍କୁ ନେଇ କୁନ୍ତଳାଙ୍କ ସଂସାର। ଚାଷ ଜମି କହିଲେ ମାତ୍ର ୭୫ ଡେସମିଲ ରହିଛି। ଏ ସ୍ଥିତିରେ ପର ଘରେ ମୂଲ ଲାଗି ସ୍ୱାମୀ ସ୍ତ୍ରୀ ପରିବାର ପ୍ରତିପୋଷଣ କରି ଆସୁଥିବା ବେଳେ ଗତବର୍ଷ ଜୁନ ୨ ତାରିଖରେ କୁନ୍ତଳାଙ୍କ ଉପରେ ବିପଦ ମାଡ଼ି ଆସିଥିଲା। ଗାଁ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଏକ ପଥର ଗୋଡ଼ି ବୋଝେଇ ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେବାକୁ ତାଙ୍କ ଦୁଇ ଗୋଡ଼, ହାତ ଆଦିରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମହକୁମା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଦିନକ ପରେ ତାଙ୍କୁ ରାଉରକେଲାସ୍ଥିତ ଜୟପ୍ରକାଶ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ଡାକ୍ତରଖାନାରେ ୪୦ ଦିନ କାଳ ଚିକିତ୍ସିତ ହେବା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ତାଙ୍କ ଚିକିତ୍ସା ବାବଦକୁ ପ୍ରାୟ ୨ ଲକ୍ଷ ଟଙ୍କା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ଭରଣା ହୋଇଥିଲା। ଦ୍ୱାଦଶ ଶ୍ରେଣୀ ଯାଏ ପାଠ ପଢ଼ି ଘରେ ରହିଥିବା କୁନ୍ତଳାଙ୍କ ବଡ଼ ଝିଅ ନିରୁପମା ଡାକ୍ତରଖାନାରେ ମା'କୁ ଜଗି ଚିକିତ୍ସା କରାଇଥିଲେ। ନିଜ ଖର୍ଚ୍ଚରେ ମା'ର ଚିକିତ୍ସା କରାଇବା ଆମ ଗରିବ ପରିବାର ପକ୍ଷେ ସମ୍ଭବ ହୋଇ ଥାଆନ୍ତା, ବିଏସ୍‌କେଓାଇ କାର୍ଡ ଯୋଗୁଁ ଚିକିତ୍ସା ସମ୍ଭବପର ହୋଇଥିବା ନିରୁପମା କହିଛନ୍ତି। କେବଳ କୁନ୍ତଳା ଜିଲ୍ଲାର ଲକ୍ଷାଧିକ ଲୋକ ଏହି ଯୋଜନାରେ ଉପକୃତ ହୋଇଛନ୍ତି। ■



# ରୋଗୀଙ୍କ ମୁହଁରେ ହସ ଫୁଟାଉଛି ବିଏସ୍‌କେୱାଇ

ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ଗୁରୁତ୍ୱାରୋପ କରୁଛନ୍ତି । ସ୍ୱାସ୍ଥ୍ୟସେବାକୁ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) । ଏହି ଯୋଜନାରେ ମହିଳାଙ୍କୁ ୧୦ ଲକ୍ଷ ଓ ପରିବାର ସଦସ୍ୟଙ୍କୁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି ରାଜ୍ୟ ସରକାର । ଆର୍ଥିକ ଅନଗ୍ରସର କାରଣରୁ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧିର ଚିକିତ୍ସାରୁ ବଞ୍ଚିତ ହେଉଥିବା ଲୋକଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସରକାର ସାଢ଼େ ୩ କୋଟି ଲୋକଙ୍କୁ ଅନ୍ତର୍ଭୁକ୍ତ କରିଛନ୍ତି । ଦିନେ ଆର୍ଥିକ ସ୍ୱଚ୍ଛଳତା କାରଣରୁ ଚିକିତ୍ସାରୁ ବଞ୍ଚିତ ହେଉଥିବା ରୋଗୀଙ୍କ ମୁହଁରେ ଏବେ ହସ ଫୁଟାଇଛି ବିଏସ୍‌କେୱାଇ ।

**ରଞ୍ଜିତ କେ. ସାମନ୍ତରାୟ, ଖୋର୍ଦ୍ଧା**

## କିଡ୍‌ନି ଷ୍ଟୋନ୍‌ର ସଫଳ ଅସ୍ତ୍ରୋପଚାର




ବହୁ ବିରଳ ରୋରେ ପୀଡ଼ିତ ବ୍ୟକ୍ତି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଘରୋଇ ମେଡିକାଲ୍‌ରେ ଚିକିତ୍ସାର ସୁବିଧା ପାଇପାରୁଛନ୍ତି । ଯାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପୁରୀ ଜିଲ୍ଲା କଣାସ ଗ୍ରାମର ସର୍ବେଶ୍ୱର ବଡ଼ଜେନା (୪୯) । ସେ ଖୋର୍ଦ୍ଧା ଟିଏଲ୍‌ସି ନିକଟରେ ଥିବା ଏକ ଘରୋଇ ତଥା ସହଯୋଗ ହସ୍ପିଟାଲ୍‌ରେ ବିଏସ୍‌କେୱାଇ ଯୋଜନାରେ କିଡ୍‌ନି ଷ୍ଟୋନ୍ ଅସ୍ତ୍ରୋପଚାର କରିଥିଲେ । ତାଙ୍କ କହିବା ଅନୁସାରେ, ଗତ ୯ ତାରିଖ ଦିନ ପ୍ରାୟ ୧ଟା ସମୟରେ ସେ ମେଡିକାଲ୍‌ରେ ଭର୍ତ୍ତି ହୋଇଥିଲେ । ଅସ୍ତ୍ରୋପଚାର ପରେ ୧୩ ତାରିଖ ଦିନ ସେ ମେଡିକାଲ୍‌ରୁ ଘରକୁ ଆସିଥିଲେ । ବିଏସ୍‌କେୱାଇ କାର୍ଡଥିବାରୁ ମେଡିକାଲ୍ କର୍ତ୍ତୃପକ୍ଷ ତାଙ୍କଠାରୁ ଗୋଟିଏ ବି ପଇସା ନେଇନଥିବା ସେ ପ୍ରକାଶ କରିଛନ୍ତି । ଏହି ଯୋଜନାରେ ତାଙ୍କର ସଫଳ ଅସ୍ତ୍ରୋପଚାର ଏବଂ ତାଙ୍କୁ ୫ଦିନ ପାଇଁ ଔଷଧ ମଧ୍ୟ ମିଳିଥିବା ସେ ପ୍ରକାଶ କରିଛନ୍ତି । ଏଥିସହିତ ମାଗଣା ଗାଡ଼ିରେ ଛଡ଼ା ଯାଇଥିବା ସେ ପ୍ରକାଶ କରିଛନ୍ତି । ବିଏସ୍‌କେୱାଇ କାର୍ଡ ଯୋଗେ ସଫଳ ଅସ୍ତ୍ରୋପଚାର ପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନ୍ତରରୁ କୃତଜ୍ଞତା ଜଣାଇଥିବା ପ୍ରକାଶ କରିଛନ୍ତି ।

କେବଳ ସର୍ବେଶ୍ୱର ନୁହଁନ୍ତି, ଅନେକ ଗର୍ଭବତୀ ମହିଳା ପ୍ରସବ କ୍ଷେତ୍ରରେ ଏବଂ ଅନେକ ପୁରୁଷ ଓ ମହିଳା ମଧ୍ୟ ଏହି ଯୋଜନାର ସଫଳତା ପାଇଥିବା ଦେଖିବାକୁ ମିଳିଛି । ଜିଲ୍ଲାର ବିଭିନ୍ନ ଘରୋଇ ଚିକିତ୍ସାଳୟରେ ରାଜ୍ୟ ସରକାରଙ୍କ ଏହି ଅଭିନବ ଯୋଜନା କାର୍ଯ୍ୟକାରୀ ହେଉଛି । ଫଳରେ ଅନେକ ପରିବାର ମାଗଣାରେ ସ୍ୱାସ୍ଥ୍ୟସେବା ଏହି ଯୋଜନା ଯୋଗେ ପାଇପାରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ଏହି ଅଭିନବ ଯୋଜନା ପାଇଁ ବିଭିନ୍ନ ମହଲରେ ପ୍ରଶଂସାର ସୁଅ ମଧ୍ୟ ଛୁଟୁଛି ।

## ସଫଳ ହେଲା ସୁଶାନ୍ତଙ୍କ ଅସ୍ତ୍ରୋପଚାର



ବେଗୁନିଆସ୍ଥିତ ଶ୍ରୀ କେୟାର ହସ୍ପିଟାଲରେ ବହୁ ବର୍ଷ ଧରି ହାର୍ଣ୍ଣିଆ ରୋଗରେ ଆକ୍ରାନ୍ତ ହୋଇଥିବା ଯୁବକ ଜଣକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡରେ ଅପରେସନ୍ ହୋଇ ସୁସ୍ଥ ହୋଇଛନ୍ତି । ଚିକିତ୍ସାଳର ଅଧକ୍ଷ ବିଭୂତି ଭୂଷଣ ପଣ୍ଡାଙ୍କ ସୂଚନା ଅନୁଯାୟୀ ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ରାଜସୁନାଖଳା ଗ୍ରାମର ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ସାନପୁଅ ସୁଶାନ୍ତ କୁମାର ସାହୁ (୩୫) ଜନ୍ମରୁ



ହାର୍ଣ୍ଣିଆ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ସମୟରେ ଯନ୍ତ୍ରଣା ଭୋଗ କରୁଥିଲେ । ତେବେ ପରିବାରର ଆର୍ଥିକ ଅବସ୍ଥା ସେତେ ସ୍ୱଚ୍ଛଳ ନ ଥିବାରୁ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରି ପତ୍ନୀ ଗୋଟିଏ ପୁତ୍ରକୁ ନେଇ ପରିବାର ଚଳାଇଥାନ୍ତି । ଆଜି ପର୍ଯ୍ୟନ୍ତ ଚିକିତ୍ସା ହୋଇ ପାରି ନ ଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଡ ପାଇ ଅପରେସନ୍ ହୋଇ ସୁସ୍ଥ ହୋଇ ପାରିଛନ୍ତି । ■

# ସ୍ୱାସ୍ଥ୍ୟକାର୍ଡ ଦେଲା ନୂଆ ଜୀବନ

# ଦମ୍ପତିଙ୍କୁ ୧୨ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା

**ଦେବାଶିଷ ପାଢ଼ୀ, ସମ୍ବଲପୁର**

ସ୍ୱାସ୍ଥ୍ୟ ସହ ବିକାଶର ଗଭୀର ସମ୍ପର୍କ ରହିଛି । ଏକ ସୁସ୍ଥ ସମାଜ ହିଁ ସମୃଦ୍ଧ ଭବିଷ୍ୟତ । ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସବୁ କାର୍ଯ୍ୟକ୍ରମ ପଛରେ ରହିଛି ଆମର 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା'ର ମହତ୍ୱାକାଂକ୍ଷୀ ଲକ୍ଷ୍ୟ । ଓଡ଼ିଶାର ସବୁଲୋକଙ୍କୁ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲକ୍ଷ୍ୟ । ଟଙ୍କା ଅଭାବ ଯୋଗୁଁ କେହି କେବେ ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହେବେ, ଏହି ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବାକୁ ଯାଇ ୫ବର୍ଷ ତଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ ହୋଇଥିଲା । ଓଡ଼ିଶାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଏକ ବୈପ୍ଳବିକ ପରିବର୍ତ୍ତନ ହୋଇଛି । ସବୁ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ପର୍ଯ୍ୟାୟକ୍ରମେ ସମ୍ପ୍ରସାରିତ



କରାଯାଉଛି । ଯୋଜନାରେ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଘରୋଇ ମେଡିକାଲ୍‌ରେ ମଧ୍ୟ ମାଗଣାରେ କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ମଧ୍ୟ ପାଉଛନ୍ତି । ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସାରା ଦେଶରେ ଏହା ଏକ ଅନନ୍ୟ ଉଦାହରଣ । ଏକ ଉତ୍ତମ ମଡେଲ ଓ ଓଡ଼ିଶାର ଲୋକଙ୍କ ପାଇଁ ଏହା ଏକ ସୁନିଶ୍ଚିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ଯେଉଁଥରେ କି ସରକାରୀ ଓ ଘରୋଇ ଉଭୟ କ୍ଷେତ୍ରର ଉତ୍ତମ ସୁବିଧା ମିଳୁଛି । ପୂରା ପରିବାର ଚିକିତ୍ସା ପାଇପାରୁଛନ୍ତି ।

## ନୂଆ ଜୀବନ ଫେରିପାଇଲେ ସୁନୀତି

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ନକ୍ସାପାଲି ଗ୍ରାମର ଦମ୍ପତି ହରିବନ୍ଧୁ ବେହେରା ଓ ସୁନୀତି । ସୁନୀତି ଜଣେ ଅଙ୍ଗନୱାଡ଼ି କର୍ମୀ । ୩ ବର୍ଷ ତଳେ ତାଙ୍କର ହୃତ୍‌ଘାତ ହୋଇଥିଲା । ପ୍ରଥମେ ସେ ବୁର୍ଲା ମେଡିକାଲ୍‌ରେ ଚିକିତ୍ସା ହୋଇଥିଲେ । ପରେ ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଘରୋଇ ମେଡିକାଲ୍ ଆପୋଲୋ ଯିବାକୁ ଇଚ୍ଛା କରିଥିଲେ । ହେଲେ ଆୟ କମ୍ ଓ ପରିବାର ପୋଷଣର ଚିନ୍ତା । ଲକ୍ଷାଧିକ ଟଙ୍କା କେଉଁଠୁ ଆସିବ ଚିନ୍ତାରେ ଥିଲେ ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ ଥିବାରୁ ସେ ଆପୋଲୋ ଡାକ୍ତର ବ୍ୟୋମକେଶ ଦୀକ୍ଷିତଙ୍କ ସହ ଯୋଗାଯୋଗ କରିଥିଲେ । ଏହାପରେ ସେ ଆପୋଲୋରେ ଚିକିତ୍ସା ଆରମ୍ଭ କରିଥିଲେ । ପ୍ରଥମ ଥର ୩ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା । ପରେ ଆଉ ୨ଥର ବ୍ଲକେଜ୍ ପାଇଁ ଅପରେସନ୍ କରାଯାଇଥିଲା । ମୋଟ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା କହିଛନ୍ତି । ଅନ୍ୟପଟେ ଏବେ ସ୍ୱାମୀ ହରିବନ୍ଧୁଙ୍କ ଅଲସର ଓ ପେଟରେ ସଂକ୍ରମଣ ହୋଇଥିଲା । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ଥିବାରୁ ଭୁବନେଶ୍ୱରସ୍ଥିତ ଗେଷ୍ଟ୍ରୋଲୋଜି କେୟାର୍ ମେଡିକାଲ୍‌ରେ ଚିକିତ୍ସା ହୋଇଥିଲେ । ଆଜି ସେ ସୁସ୍ଥ ହୋଇ ସମ୍ବଲପୁରକୁ ଫେରିଛନ୍ତି । ଆଇସିୟୁରେ ଭର୍ତ୍ତି ହୋଇଥିଲେ । ଅପରେସନ୍ ମଧ୍ୟ ହୋଇଛନ୍ତି । ପ୍ରାୟ ୩ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ଓ ଉଭୟ ଦମ୍ପତିଙ୍କୁ ପର୍ଯ୍ୟାୟ କ୍ରମେ ଏହି ଯୋଜନାରେ ସମୁଦାୟ ୧୨ ଲକ୍ଷ ଟଙ୍କାର ଚିକିତ୍ସା ଦିଆଯାଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଡ ଥିବାରୁ ଜୀବନ ବଞ୍ଚିଯାଇଥିବା କହିଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି । ବିଜୁ ସ୍ୱାସ୍ଥ୍ୟ କାର୍ଡ ଫଳରେ ଜିଲ୍ଲାରେ ସୁନୀତି ଭଳି ଅନେକ ପରିବାର ଅଛନ୍ତି, ଯେଉଁମାନେ ଏହି ଯୋଜନାରୁ ଲାଭବାନ ହୋଇପାରୁଛନ୍ତି, ନୂଆଁ ଜୀବନ ଫେରିପାଉଛନ୍ତି । ■







# ଅନ୍ୟ ପିଲାଙ୍କ ପରି ଏବେ କଥା କହିବ ସାଇ

**କୁମାରଶ୍ରୀ ସାହୁ, କଟକ**

**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ସାବ୍ୟସ୍ତ ହୋଇଛି। ବିଏସ୍‌କେୱାଇର ସଫଳ ରୂପାୟନ ଦ୍ୱାରା ରାଜ୍ୟର ଅନେକ ଗରିବ ରୋଗୀ ଉପକୃତ ହେଉଛନ୍ତି। କଟକ ମହତାବ ରୋଡ୍ ଅଞ୍ଚଳରେ ଥିବା ଶ୍ରଦ୍ଧା ସବୁରୀ ନର୍ସିଂ ହୋମ୍‌ରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ବିଏସ୍‌କେୱାଇ ଯୋଜନା ବଳରେ ୫ ବର୍ଷର ଶିଶୁ ସାଇ ଶୁଭମ୍ ଦାଶ ସୁସ୍ଥ ହୋଇଛନ୍ତି। ପିଲାବେଳୁ ସଠିକ୍ ଢଙ୍ଗରେ କଥା କହି ପାରୁନଥିବା ସାଇଙ୍କର ଅସ୍ତ୍ରୋପଚାର ହୋଇଥିବା ବେଳେ ଏବେ ସେ ସ୍ୱାଭାବିକ ଭାବେ କଥା କହିବାକୁ ସକ୍ଷମ ହୋଇଛନ୍ତି।**

ସାଲେପୁର ଭାତପଡ଼ା ଅଞ୍ଚଳର ସୁମନ ରାଉତ ଏବଂ ସରିତା ରାଉତଙ୍କ ଏକମାତ୍ର ପୁତ୍ର ସାଇ। ସୁମନ ହାଇଦ୍ରାବାଦର ଏକ କମ୍ପାନୀରେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ପରିବାରର ଆର୍ଥିକ ଅବସ୍ଥା ଏତେ ସ୍ୱଚ୍ଛଳ ନୁହେଁ। ପିଲାବେଳୁ ସାଇ ଠିକ୍ ଭାବେ କଥା କହି ପାରୁନଥିଲେ। ବୟସ ବଢ଼ିବା ପରେ ଏହା ସ୍ୱାଭାବିକ ହେବ ବୋଲି ପରିବାର ଲୋକେ ଆଶା ବାନ୍ଧି ଥିଲେ। ମାତ୍ର ବୟସ ୫ବର୍ଷ ଛୁଇଁ ଥିଲେ ସୁଦ୍ଧା ସାଇ ଅନ୍ୟ ପିଲାଙ୍କ ଭଳି କଥାବାର୍ତ୍ତା କରି ପାରୁନଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା କରାଇବାରୁ ଜଣା ପଡ଼ିଥିଲା ଯେ, ସାଇଙ୍କ ଜିଭର ତଳ ଭାଗ ତାଙ୍କ ମାଢ଼ି ସହ ମିଶି ଯାଇଛି। ଏଥି ନିମନ୍ତେ ଅସ୍ତ୍ରୋପଚାରର ଆବଶ୍ୟକତା ଥିବା ଡାକ୍ତର କହିଥିଲେ। ୫୦ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିବା ପରେ ଏହି ଅଭାବୀ ପରିବାର ଚିନ୍ତାରେ ପଡ଼ିଥିଲେ। ମାତ୍ର ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ଦ୍ୱାରା ତାଙ୍କୁ ନିଶୁଳ୍କରେ



ଏହି ସ୍ୱାସ୍ଥ୍ୟ ସେବା ମିଳିଛି। ଡାକ୍ତର ସ୍ମୃତି ରଞ୍ଜନ ସାମଲଙ୍କ ଦ୍ୱାରା ସାଇଙ୍କ ଅସ୍ତ୍ରୋପଚାର ସଫଳ ହୋଇଛି। ସାଇ ଏବେ ଅନ୍ୟ ପିଲାଙ୍କ ପରି କଥାବାର୍ତ୍ତା କରିପାରିବେ। ଏଥି ନିମନ୍ତେ ସାଇଙ୍କ ପରିବାର ଲୋକେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ କୃତଜ୍ଞତା ଜଣାଇଛନ୍ତି।

## ବିଏସ୍‌କେୱାରେ ଚିକିତ୍ସିତ ହୋଇ ସୁସ୍ଥ ହେଲେ ନିରୁପମା

ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏହାକୁ ଲକ୍ଷ୍ୟରେ ରଖି ସମସ୍ତଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ଅନେକ ଜଟିଳ ରୋଗରୁ ହିତାଧିକାରୀମାନେ ଆରୋଗ୍ୟ ଲାଭ କରୁଛନ୍ତି। ମାଗଣାରେ ହିତାଧିକାରୀଙ୍କୁ ଉନ୍ନତ ଚିକିତ୍ସା ମିଳିପାରୁଛି। ଲିଙ୍କରୋଡ୍ ଅଞ୍ଚଳରେ ଥିବା ନ୍ୟୁ ତାରିଣୀ ହସ୍ପିଟାଲରେ ନୟାଗଡ଼ ଅଞ୍ଚଳର ନିରୁପମା ନାୟକ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାମୀ ବିକ୍ରମ ଜଣେ ଚାଷୀ। ନିରୂପମା ଗତ କିଛି ମାସ ହେବ ଯନ୍ତ୍ରଣାର ଶିକାର ହେଉଥିଲେ। ନିଃଶ୍ୱାସପ୍ରଶ୍ୱାସ କ୍ରିୟା ସଠିକ୍ ଭାବେ ନହେବା ସହିତ ମୁହଁର ଅନେକ ପାର୍ଶ୍ୱ ବିନ୍ଧା ହେଉଥିଲା। ବିକ୍ରମ ନିଜ ପତ୍ନୀଙ୍କୁ ନେଇ ନିକଟସ୍ଥ ହସ୍ପିଟାଲକୁ ଯାଇଥିଲେ। ସେଠାରେ ଚିକିତ୍ସା ସମ୍ଭବପର ନହେବାରୁ ସେ ପତ୍ନୀଙ୍କୁ ଧରି କଟକ ଆସିଥିଲେ। ଏଠାକୁ ଆସି ବିଭିନ୍ନ ପରୀକ୍ଷାନିରୀକ୍ଷା କରିବାରୁ ନାକ ଭିତର ପାର୍ଶ୍ୱରେ ଅସ୍ୱାଭାବିକ ଭାବେ ଏକ ହାଡ଼ ବୃଦ୍ଧି ପାଉଥିବା ଜଣାପଡ଼ିଥିଲା। ଅସ୍ତ୍ରୋପଚାର ନିହାତି ଆବଶ୍ୟକ ବୋଲି ଡାକ୍ତର କହିଥିଲେ। ଆର୍ଥିକ ସମସ୍ୟା ଭିତରେ ଘାଣ୍ଟି ହେଉଥିବା ବିକ୍ରମ ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ବ୍ୟବହାର ଦ୍ୱାରା ମାଗଣାରେ ନିଜ ପତ୍ନୀଙ୍କ ସଫଳ ଚିକିତ୍ସା କରାଇ ପାରିଛନ୍ତି। ଏବେ ନିରୁପମାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ■





# ନନ୍ଦକିଶୋର ପାଇଲେ ଯନ୍ତ୍ରଣାମୁକ୍ତ ଜୀବନ

**ଉମାକଲ୍ୟାଣ ମହାପାତ୍ର, ଭଦ୍ରକ**

ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ମୁଁ ନୂଆ ଜୀବନ ପାଇଛି। କେବଳ ଏତିକି ନୁହେଁ, ପ୍ରବଳ ଯନ୍ତ୍ରଣାରୁ ବି ମୁକ୍ତି ପାଇଛି ବୋଲି କହିଛନ୍ତି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ କସିଆ ମେରାଇନ୍ ଥାନା ଅନ୍ତର୍ଗତ ସାନକୃଷ୍ଣପୁର ଅଞ୍ଚଳର ନନ୍ଦକିଶୋର ବାରିକ। ୬୧ ବର୍ଷୀୟ ନନ୍ଦକିଶୋର ହେଉଛନ୍ତି ଜଣେ ଗରିବ ଚାଷୀ। ଚାଷ କାର୍ଯ୍ୟ ସହ ତାଙ୍କ କୌଳିକ ବୃତ୍ତି ଭଣ୍ଡାରୀ କାମ କରି ସେ ନିଜ ପରିବାର ପୋଷଣ କରନ୍ତି। ତେବେ ଗତ କିଛି ମାସ ତଳେ ତାଙ୍କ ପରିସ୍ରାରୁ ରକ୍ତସ୍ରାବ ହେଲା। ଆଉ ତଳିପେଟରେ ପ୍ରବଳ ଯନ୍ତ୍ରଣା ବି ହେଲା। ଡାକ୍ତରଙ୍କୁ ଦେଖାଇ ବହୁ ପରୀକ୍ଷାନିରୀକ୍ଷା ପରେ ନନ୍ଦକିଶୋରଙ୍କ ଦୁଇଟି କିଡ୍‌ନୀ ମଧ୍ୟରୁ ଡାହାଣ କିଡ୍‌ନୀଟି ସମ୍ପୂର୍ଣ୍ଣ ଅଚଳ ହୋଇଥିବା ଜଣାପଡ଼ିଥିଲା। ଏଥିପାଇଁ ନନ୍ଦକିଶୋରଙ୍କ କିଡ୍‌ନୀ ବାହାର କରିବାକୁ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ତେବେ ଏହି ବ୍ୟୟବହୁଳ ଚିକିତ୍ସା ଲାଗି ପାଖରେ ଅର୍ଥ ନଥିବାରୁ ନନ୍ଦକିଶୋର ଓ ତାଙ୍କ ପରିବାର ଚିନ୍ତିତ ହୋଇପଡ଼ିଥିଲେ। ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ନନ୍ଦକିଶୋରଙ୍କ ବିଏସ୍‌କେୱାଇରେ ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦେଇଥିଲେ। ଫଳରେ ଭଦ୍ରକ ସାଇ ହସ୍ପିଟାଲ୍‌ରେ ତାଙ୍କର ୧୨ ଜାନୁଆରୀ ୨୦୨୪ରେ ଅପରେସନ୍ କରାଯାଇଥିଲା। କଟକର ଡାକ୍ତର ଭରତ କୁମାର ବେହେରା ତାଙ୍କ ଅଚଳ ଡାହାଣ ପଟ କିଡ୍‌ନୀକୁ ବାହାର କରି ଦେଇଥିଲେ। ୫ଦିନ କାଳ ଚିକିତ୍ସିତ ହେବା ପରେ ସେ ଘରକୁ ଯାଇଥିଲେ। ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଆଉ ପରିସ୍ରାରୁ ରକ୍ତ ପଡୁନି କି ଯନ୍ତ୍ରଣା ବି ହେଉନି। ତେବେ ବିଏସ୍‌କେୱାଇ କାର୍ଡ ଯୋଗୁଁ ଲକ୍ଷାଧିକ ଟଙ୍କାର ବ୍ୟୟବହୁଳ ଅସ୍ତ୍ରୋପଚାର ସମ୍ଭବ ହେଲା ଓ ମୋ'ବାପାଙ୍କୁ ନୂତନ ଜୀବନ ମିଳିଲା ବୋଲି ତାଙ୍କ ପୁତ୍ର କାଳିନ୍ଦୀ ବାରିକ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ଭାରତୀଙ୍କ ମୁହଁରେ ହସ ଫୁଟାଇଲା ବିଏସ୍‌କେୱାଇ



ଭଦ୍ରକ ଜିଲ୍ଲା ଭଦ୍ରକ ବ୍ଲକ୍ ବାଣିତିଆ ପଞ୍ଚାୟତ ଅନ୍ତର୍ଗତ ନାଳଗରା ଗାଁର ଜଣେ ଗରିବ ଓ ଅସହାୟ ମହିଳା ହେଉଛନ୍ତି ଭାରତୀ ଜେନା। ବୟସ ୪୪ ବର୍ଷ। ସ୍ୱାମୀ ନାରାୟଣ ଜେନା ତାଙ୍କୁ ଛାଡ଼ି ଦେଇଛନ୍ତି। ପୁଅ ସହିତ ଦୀର୍ଘବର୍ଷ ହେଲା ଭାରତୀ ନିଜ ବାପଘରେ ରହୁଛନ୍ତି। ଏହି ଅସହାୟ ମହିଳା ଭାରତୀ ବହୁ କଷ୍ଟରେ ନିଜ ପୁତ୍ରକୁ ଲାଳନପାଳନ କରି ବଡ଼ କରିଛନ୍ତି। ତେବେ ନିକଟରେ ଭାରତୀଙ୍କ ପେଟରେ ଅସହ୍ୟ ଯନ୍ତ୍ରଣା ହୋଇଥିଲା। ଅଭିଜ୍ଞ ଡାକ୍ତରଙ୍କୁ ପରାମର୍ଶ କରି ପରୀକ୍ଷା ନିରୀକ୍ଷା ପରେ ଡାକ୍ତର ତାଙ୍କ ଗଲ୍‌ବ୍ଲଡର୍‌ରେ ଷ୍ଟୋନ୍ ହୋଇଥିବା କହିଥିଲେ। ଅପରେସନ୍ କରି ଏହାକୁ ବାହାର କରିବାକୁ ପରାମର୍ଶ ଦେଇଥିଲେ। ତେବେ ଏହି ବ୍ୟୟବହୁଳ ଅପରେସନ୍ ଲାଗି ଭାରତୀଙ୍କ ପାଖରେ ଅର୍ଥ ଥିଲା ମୁଖ୍ୟ ସମସ୍ୟା। ତେଣୁ ରାଜ୍ୟ ସରକାରଙ୍କ ବିଏସ୍‌କେୱାଇ ସ୍ୱାସ୍ଥ୍ୟ କାର୍ଡ ତାଙ୍କର ଥିବାରୁ ସେ ଭଦ୍ରକ ଶ୍ରୀରାମ ହସ୍ପିଟାଲ୍ ନାମକ ନର୍ସିଂହୋମ୍‌ରେ ଆଡ୍‌ମିଟ୍ ହୋଇଥିଲେ। ଗତ ୨୯.୧୧. ୨୦୨୩ରେ ଭାରତୀଙ୍କ ଗଲ୍‌ବ୍ଲଡର୍ ଷ୍ଟୋନ୍ ଅପରେସନ୍ କରିଥିଲେ କଟକର ଅଭିଜ୍ଞ ଲାପ୍ ରୋସ୍କୋପିକ୍ ସର୍ଜନ ଡାକ୍ତର ଶୁଭ୍ରାଂଶୁ ଲେଙ୍କା। ଭାରତୀଙ୍କ ଗଲ୍‌ବ୍ଲଡର୍‌ରୁ ୧୩ଟି ଷ୍ଟୋନ୍ ବାହାରିଥିଲା। ୫ ଦିନ ପର୍ଯ୍ୟନ୍ତ ହସ୍ପିଟାଲରେ ରହିବା ପରେ ଭାରତୀ ଘରକୁ ଯାଇଥିଲେ। ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ।

ଜିଲ୍ଲାରେ ମୋଟ ୬୧ ହଜାର ୧୪୫ଜଣ ହିତାଧିକାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଆରୋଗ୍ୟ ହୋଇଛନ୍ତି। ଏବାବଦରେ ୨୨ କୋଟି ୩୨ଲକ୍ଷ ୭୭ ହଜାର ୨୪୬ ଟଙ୍କା ସରକାରଙ୍କଠାରେ କ୍ଲେମ ହୋଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ। ଜିଲ୍ଲାର ୧୭ଟି ବେସରକାରୀ ଡାକ୍ତରଖାନା ବିଏସ୍‌କେୱାଇରେ ଅନ୍ତର୍ଭୁକ୍ତ। ■




# ୧୨ ଲକ୍ଷରୁ ଅଧିକ ବିଏସ୍‌କେୱାଇ ହିତାଧିକାରୀ

**ସୁବୋଧ କୁମାର ଚେଟ୍ଟୀ, କୋରାପୁଟ**

୨୦୨୧ ନଭେମ୍ବର ୨୭ରେ କୋରାପୁଟ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ଜିଲ୍ଲାର ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବିଏସ୍‌କେୱାଇ କାର୍ଡ ପାଇଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୩ ଏପ୍ରିଲ ୧ ଠାରୁ ୨୦୨୩ ଡିସେମ୍ବର ୩୧ ମଧ୍ୟରେ କୋରାପୁଟ ଜିଲ୍ଲାରୁ ବିଏସ୍‌କେୱାଇ ଅନୁମତି ପ୍ରାପ୍ତ ୪ ଟି ହସ୍ପିଟାଲ୍‌ରେ ମୋଟ ୧୭୪୫ ଜଣ ଚିକିତ୍ସିତ ହୋଇଛନ୍ତି। ଏହା ବ୍ୟତୀତ ଜିଲ୍ଲା ଓ ରାଜ୍ୟ ବାହାରର କେତେକ ଅନୁବନ୍ଧିତ ଘରୋଇ ହସ୍ପିଟାଲ୍ ଯଥା ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାସ୍ଥିତ ଆପୋଲୋ, କେୟାର୍, ହୋମି ଭାବା କ୍ୟାନ୍ସର ହସ୍ପିଟାଲ୍, ଅନୁ ଇନଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁରୋ ଏଣ୍ଡ କାର୍ଡିଆକ୍ ସର୍ଜରୀ, ପିନ୍ନାକିଲ୍ ହସ୍ପିଟାଲ, ମେଡି କାଭୋର୍, ଶ୍ରୀକାକୁଲମସ୍ଥିତ କିମ୍ସ ହସ୍ପିଟାଲରେ ବିଏସ୍‌କେୱାଇ ହିତାଧିକାରୀ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି।

## ହୃଦ୍‌ରୋଗରୁ ସୁସ୍ଥ ହେଲେ ରବୀନ୍ଦ୍ର



କୋରାପୁଟ ଜିଲ୍ଲା ଡୁମୁରିପୁଟ ଅନ୍ତର୍ଗତ ନିଘାମନିଗୁଡ଼ାର ରବୀନ୍ଦ୍ର କଂଶାରୀ। ବୟସ ୪୫ ବର୍ଷ। ରବୀନ୍ଦ୍ର ଗତବର୍ଷ ହୃଦ୍‌ରୋଗରେ ପୀଡ଼ିତ ହୋଇଥିଲେ। ଗରିବ ହୋଇଥିବାରୁ ନିଜ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ସେ ଚିନ୍ତିତ ହୋଇ ପଡ଼ିଥିଲେ। ବିଶାଖାପାଟଣାର ଅନୁ ଇନଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁରୋ ଏଣ୍ଡ କାର୍ଡିଆକ୍ ହସ୍ପିଟାଲ୍‌ରେ ବିଏସ୍‌କେୱାଇ କାର୍ଡ ଦ୍ୱାରା ରବୀନ୍ଦ୍ର ଚିକିତ୍ସିତ ହୋଇଥିଲେ। ଚିକିତ୍ସା ବାବଦରେ ବିଏସ୍‌କେ ୱାଇ କାର୍ଡରୁ ୧ ଲକ୍ଷ ୯୮ ହଜାର ୧୦୪ ଟଙ୍କା ଖର୍ଚ୍ଚ ହୋଇଥିଲା। ଆଉ ସେ ସୁସ୍ଥ ହୋଇଥିଲେ। "ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଯୋଗୁଁ ଆଜି ମୁଁ ସୁସ୍ଥ ହୋଇ ଘରକୁ ଫେରି ପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି ବୋଲି ରବୀନ୍ଦ୍ର କହିଛନ୍ତି। ■

## ବିଏସ୍‌କେୱାଇ ଯୋଗୁଁ ସମ୍ଭବ ହେଲା ଓପନ୍ ହାର୍ଟସର୍ଜରୀ



କୋରାପୁଟ ବ୍ଲକ୍ ପଦ୍ମପୁର ଅନ୍ତର୍ଗତ ନିଘାମନିଗୁଡ଼ାର କେ. ରାମା ରାଓଙ୍କ ପତ୍ନୀ କେ.ଇନ୍ଦୁମୋତି (୫୭)ହୃଦ୍ ଜନିତ ସମସ୍ୟାରେ କାଳ କାଟୁଥିଲେ। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ଡାକ୍ତରଙ୍କୁ ଦେଖାଇବା ପରେ ଡାକ୍ତର ତାଙ୍କୁ ବାହାରେ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ଗରିବ ପରିବାରର ହୋଇଥିବାରୁ ତାଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଥିଲା ବାଧକ। ବିଏସ୍‌କେୱାଇ କାର୍ଡ ସହାୟତାରେ ଇନ୍ଦୁମୋତିଙ୍କର ଓପନ୍ ହାର୍ଟସର୍ଜରୀ କରାଯାଇଥିଲା ବିଶାଖାପାଟଣାର ପିନାକଲ୍ ହସ୍ପିଟାଲରେ। ତାଙ୍କ ଚିକିତ୍ସା ବାବଦରେ ମୋଟ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲା। ଓପନ୍ ହାର୍ଟସର୍ଜରୀ ହେବା ପରେ ସେ ସୁସ୍ଥ ହୋଇଥିଲେ। "ବିଏସ୍‌କେୱାଇ କାର୍ଡ ମୋ ପାଇଁ ବରଦାନ ଥିଲା। ଏହି କାର୍ଡ ଯୋଗୁଁ ମୋ' ଭଳି ଅନେକ ଗରିବ ଲୋକଙ୍କ ଜୀବନ ଆଜି ବଞ୍ଚିଛି, ମୁଖ୍ୟମନ୍ତ୍ରୀ ଏହି ଯୋଜନା କରି ଲକ୍ଷ ଲକ୍ଷ ଗରିବଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି।" ବୋଲି କେ. ଇନ୍ଦୁମୋତି କହିଛନ୍ତି।

# ଗରିବଙ୍କ ଭରସା ବିଏସ୍‌କେୱାଇ

**ଗୌରାଙ୍ଗ ପାତ୍ର, ନବରଙ୍ଗପୁର**

ବିଏସ୍‌କେୱାଇ ଉପାନ୍ତ ଅଞ୍ଚଳ ଗରିବ ଲୋକଙ୍କ ଚିକିତ୍ସାର ସାହାଭରସା ପାଲଟିଛି। ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିବା ବିଏସ୍‌କେୱାଇ ଯୋଜନା ଯୋଗୁଁ ନବରଙ୍ଗପୁର ଜିଲ୍ଲାର ବହୁ ରୋଗୀ ମାଗଣାରେ ଚିକିତ୍ସିତ ହୋଇ ଫେରୁଛନ୍ତି। ତେବେ ଏହି ଜିଲ୍ଲାର ଦୁଇ ମହିଳା ଶାନ୍ତି କୁମାରୀ ଶତପଥି ଓ ମନ୍ଦାରବତୀ କୋହରଙ୍କ ସ୍ୱାସ୍ଥ୍ୟ ସେବାର ସାହାରା ହୋଇପାରିଛି ଏହି ବିଏସ୍‌କେୱାଇ କାର୍ଡ।

## ଟ୍ୟୁମରରୁ ଆରୋଗ୍ୟ ହେଲେ ଶାନ୍ତି କୁମାରୀ

ତେନ୍ତୁଳିଖୁଣ୍ଟି ବ୍ଲକ୍ ସଦର ଗ୍ରାମର ନିବାସୀ ଶାନ୍ତିଙ୍କ ପେଟ ବ୍ୟଥା ବାରମ୍ବାର ହେବାରୁ ସେ ପ୍ରଥମେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଔଷଧ ସେବନ ପରେ କୌଣସି ସୁଫଳ ନ ମିଳିବାରୁ ତାଙ୍କୁ ନବରଙ୍ଗପୁର ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ସ୍କାନିଂ ପରେ ପେଟରେ ଏକ ଟ୍ୟୁମର୍ ହୋଇଥିବା ଜଣାପଡ଼ିଥିଲା। ତୁରନ୍ତ ଅପରେସନ କରା ନ ଗଲେ ଅବସ୍ଥା ସଙ୍କଟାପନ୍ନ ହୋଇପାରେ ବୋଲି ଡାକ୍ତର କହିଥିଲେ। ଏହା ଶୁଣି ପୂରା ପରିବାର ଭାଙ୍ଗି ପଡ଼ିଥିଲେ। ତେବେ ବିଏସ୍‌କେୱାଇ କାର୍ଡ ଥିବାରୁ ତାଙ୍କ ପୁଅ ସୁଶାନ୍ତ ମା'ଙ୍କୁ ସାହସ ଦେଇଥିଲେ। ଏହାପରେ ଶାନ୍ତିଙ୍କୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ମେଡିକଭର୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିଏସ୍‌କେୱାଇ କାର୍ଡ ମାଧ୍ୟମରେ ବିନା ଖର୍ଚ୍ଚରେ ତାଙ୍କର ଅପରେସନ୍ ହେବା ସହ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଶାନ୍ତି ତାଙ୍କର ସୁସ୍ଥତାର ସମସ୍ତ ଶ୍ରେୟ ସରକାରଙ୍କୁ ଦେଇଛନ୍ତି।



## ସ୍ତନ କର୍କଟରୁ ସୁସ୍ଥ ମନ୍ଦାରବତୀ



ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ଡେଙ୍ଗାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଡଙ୍ଗର ତଳଗୁଡ଼ା ଗ୍ରାମର ବାସିନ୍ଦା ହେଉଛନ୍ତି ୪୨ ବର୍ଷୀୟା ମନ୍ଦାରବତୀ କୋହର। ୨୦୨୩ ମସିହା ଜାନୁଆରୀରେ ତାଙ୍କର ବାମ ସ୍ତନରେ ଯନ୍ତ୍ରଣା ହୋଇଥିଲା। କିଛି ଦିନ ଔଷଧ ସେବନ କରିବା ପରେ ମଧ୍ୟ ବ୍ୟଥା କମି ନଥିଲା। ଧୀରେ ଧୀରେ ଏକ ମାଂସ ଗୁଳା ବାହାରି ସେ ଭୀଷଣ ବ୍ୟଥା ଅନୁଭବ କଲେ। ସେହି ସମୟରେ ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଭୁବନେଶ୍ୱରରୁ କିଛି ବିଶେଷଜ୍ଞ ଆସିଥିବା ଅଗ୍ରଣୀ 'ସକାଳ' ଖବରକାଗଜରୁ ଜାଣି ତାଙ୍କ ସ୍ୱାମୀ ମନ୍ଦାରବତୀଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନତ ଚିକିତ୍ସା ପାଇଁ ନେଇଥିଲେ। ପରେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜରେ ତାଙ୍କର ନିଡିଲ୍ ପରୀକ୍ଷଣରୁ ବାମ ସ୍ତନରେ କର୍କଟ ହୋଇଥିବା ଜଣାପଡ଼ିଲା। ଏହାପରେ ତାଙ୍କ ସ୍ୱାମୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ମାଧ୍ୟମରେ ଭୁବନେଶ୍ୱର ସମ୍ ହସ୍ପିଟାଲରେ ମନ୍ଦାରବତୀଙ୍କର ସଫଳ ଅସ୍ତ୍ରୋପଚାର କରାଇଥିଲେ। ତା'ସହ ସମ୍ ଅଲ୍‌ଟିମେଟ୍‌ରେ ପ୍ରତି ୨୧ ଦିନରେ ଥରେ କେମୋ ଦିଆଗଲା। ଏବେ ସୁଦ୍ଧା ୭ ଥର କେମୋ ନେଇଥିବା ମନ୍ଦାରବତୀ ବର୍ତ୍ତମାନ ସୁସ୍ଥ ଜୀବନ ଜିଉଁଛନ୍ତି। ଏହା ସମ୍ଭବ ହୋଇଛି କେବଳ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଜୀବନଦାୟିନୀ ସ୍ୱାସ୍ଥ୍ୟ କାର୍ଡ ପାଇଁ। ଅନ୍ୟପଟେ ତାଙ୍କର ଏହି ଚିକିତ୍ସାରେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୯୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ମନ୍ଦାରବତୀ କହିଛନ୍ତି। ■



# ଗରିବ ମାନସିକ ରୋଗୀଙ୍କ ଜୀବନରେ ପରିବର୍ତ୍ତନ

ରଶ୍ମିରଞ୍ଜନ ମହାପାତ୍ର ,ଜଗତସିଂହପୁର

କୌଣସି ଗୁରୁତର ଓ ଦୀର୍ଘକାଳୀନ ରୋଗ ଚିକିତ୍ସାରେ ଆର୍ଥିକ ସମ୍ବଳର ଅଭାବକୁ ବିଏସ୍‌କେୱାଇ ସଫଳତା ସହିତ ପୂରଣ କରିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶାବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାର ନିର୍ଭର ପ୍ରତିଶ୍ରୁତି ଏହା ଦ୍ୱାରା ବହୁଭାବରେ ପୂରଣ ହୋଇଛି। ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ତେନ୍ତୁଲିପଦା ଗାଁର ଗରିବ ଶ୍ରମିକ ଲୋକନାଥ ପରିଡ଼ାଙ୍କ ସ୍ତ୍ରୀ ଜୁଲି (୩୪)ଙ୍କ ମାନସିକ ରୋଗ ଚିକିତ୍ସା କିମସ୍‌ରେ ଚାଲିଥିବା ସମୟରେ ସେ ଧୀରେ ଧୀରେ ସୁସ୍ଥ ହୋଇ ଆସୁଥିବା ସୂଚନା ମିଳିଛି।

## କାମରେ ଆସିଲା ବିଏସ୍‌କେୱାଇ କାର୍ଡ

ଜୁଲି ଏବଂ ସୋମନାଥଙ୍କ ପରିବାର ବହୁ ଅଭାବ ଅସୁବିଧା ସତ୍ତ୍ୱେ ଏକପ୍ରକାର ଭଲରେ ଚାଲିଥିଲା। ତେବେ ପିଲାଛୁଆ ନଥିବାରୁ ଚିନ୍ତା ଓ ଅନ୍ୟ କାରଣରୁ ଜୁଲି ମାନସିକ ଅବସାଦ ମଧ୍ୟକୁ ଚାଲି ଯାଇଥିଲେ। ତା'ସହିତ ତାଙ୍କଠାରେ ସ୍ନାୟବିକ ରୋଗର ଲକ୍ଷଣ ପ୍ରକାଶ ପାଇଥିଲା। ଲୋକଙ୍କୁ ଗୋଡ଼ାଇବା, କାମୁଡ଼ିବା, ଜିନିଷପତ୍ର ଫିଙ୍ଗିବା, ଭାଙ୍ଗିବା ପ୍ରଭୃତି ଲକ୍ଷଣ ତାଙ୍କଠାରେ ଦେଖା ଦେଇଥିଲା। ଏହି ସମସ୍ୟା ପାଇଁ ତାଙ୍କୁ ଦିନ ଦିନ ଧରି ଘରେ ବାନ୍ଧି ରଖିବାକୁ ପଡୁଥିଲା। ତେବେ ତାଙ୍କର ଏଭଳି ସମସ୍ୟା ଯୋଗୁଁ ସୋମନାଥ ତାଙ୍କୁ ଜଗି ରହନ୍ତି। ଫଳରେ କାମକୁ ନଯିବା ଦ୍ୱାରା ଆର୍ଥିକ ସ୍ଥିତି ଖରାପ ହେବାକୁ ଲାଗିଲା। ଏଭଳି ପରିସ୍ଥିତିରେ ବିଏସ୍‌କେୱାଇ କାର୍ଡ ସେମାନଙ୍କର କାମରେ ଆସିଥିଲା। ଗତ ଦୁଇମାସ ତଳେ ଜୁଲି ଭୁବନେଶ୍ୱରର କିମସ୍‌ରେ ଭର୍ତ୍ତି ହୋଇଛନ୍ତି। ସେଠାରେ ତାଙ୍କର ମାନସିକ ରୋଗର ଚିକିତ୍ସା ଚାଲିଛି। ତେବେ ଏହି ଚିକିତ୍ସା କ୍ଷେତ୍ରରେ ବିଏସ୍‌କେୱାଇ କାର୍ଡ ମାଧ୍ୟମରେ ଏ ପର୍ଯ୍ୟନ୍ତ ୭୦ ହଜାର ଟଙ୍କା ଚିକିତ୍ସା ସହାୟତା ମିଳିଥିବା ଲୋକନାଥ କହିଛନ୍ତି। ଜୁଲି ଧୀରେ ଧୀରେ ଭଲ ହୋଇ ଆସୁଥିବା ବେଳେ ଏଭଳି ସୁବିଧା ପାଇଁ ତାଙ୍କ ସ୍ୱାମୀ ସୋମନାଥ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



## ଆଣ୍ଠୁଗଣ୍ଠି ସମସ୍ୟାରୁ ମୁକ୍ତ ହେଲେ ମହିଳା

ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁବିଧାକୁ ସୁନିଶ୍ଚିତ କରିବାକୁ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପ୍ରଣୟନ କରିବା ଦ୍ୱାରା ଜିଲ୍ଲାର ଶହ ଶହ ରୋଗୀ ଭଲ ଘରୋଇ ହସ୍‌ପିଟାଲ୍‌ରେ ବିନା ଅର୍ଥରେ ଉଚ୍ଚମାନର ଚିକିତ୍ସା ସୁବିଧା ପାଇପାରୁଛନ୍ତି।

ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅଳାବଳ ଗ୍ରାମର ମାନବେନ୍ଦ୍ର ରାୟଙ୍କ ସ୍ତ୍ରୀ ନମିତାରାଣୀ (୪୯) ବିଏସ୍‌କେୱାଇ ଦ୍ୱାରା ନିଜର ଆଣ୍ଠୁଗଣ୍ଠି ଜନିତ ରୋଗର ଚିକିତ୍ସା କରିବା ଦ୍ୱାରା ଆସନ୍ନ ପାରାଲିସିସ୍‌ରୁ ମୁକ୍ତ ହୋଇପାରିଛନ୍ତି।

## ବିଏସ୍‌କେୱାଇରୁ ଉପକୃତ

ଗତ ଦେଢ଼ ବର୍ଷ ତଳେ ନମିତାଙ୍କ ଦୁଇ ଆଣ୍ଠୁ ଭୀଷଣ ଦରଜ ହେବା ଦ୍ୱାରା ସେ ବାଡ଼ି ଆଶ୍ରାରେ ଚଳପ୍ରଚଳ ହେଉଥିଲେ। ଧୀରେ ଧୀରେ ତାଙ୍କର ଏହି ଯନ୍ତ୍ରଣା ବଢ଼ିଲା। ଏହା ଦ୍ୱାରା ତାଙ୍କୁ ନିଜର ନିତ୍ୟକର୍ମ କରିବାରେ ବି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା। ସେଥିପାଇଁ ସେ ପରିବାର ଲୋକଙ୍କ ସହାୟତା ନେବାକୁ ବାଧ୍ୟ ହୋଇଥିଲେ। ଆୟୁର୍ବେଦିକ, ହୋମିଓପ୍ୟାଥିକ୍ ଓ ବହୁ ପେନ୍‌କିଲର୍ ଖାଇବା ପରେ ମଧ୍ୟ ଏହି ରୋଗ ଭଲ ହୋଇ ନ ଥିଲା। ଏହାପରେ ଅଧିକରୁ ଅଧିକ ସ୍ୱାସ୍ଥ୍ୟ ଖରାପ ହେବା ଦ୍ୱାରା ସେ ବିଛଣାରେ ପଡ଼ି ରହିଥିଲେ। ତେବେ ସୌଭାଗ୍ୟକୁ ତାଙ୍କୁ ବିଏସ୍‌କେୱାଇ କାର୍ଡ ମିଳିବା ପରେ ଭଲ ମେଡିକାଲରେ ଏହି ରୋଗର ଚିକିତ୍ସା କରିବା ପାଇଁ ବାଟ ମିଳିଲା। ବିଏସ୍‌କେୱାଇ କାର୍ଡ ମାଧ୍ୟମରେ ନମିତା ଆପୋଲୋ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଲେ। ୭ ମାସ ତଳେ ତାଙ୍କର ବାମ ଗୋଡ଼ ଆଣ୍ଠୁର ଅପରେସନ୍ ଆପୋଲୋ ହସ୍‌ପିଟାଲରେ ହୋଇଥିଲା। ତେବେ ତାଙ୍କୁ ବିଏସ୍‌କେୱାଇ କାର୍ଡରୁ ୧, ୮୫, ୦୦୦ଟଙ୍କା ଚିକିତ୍ସା ସହାୟତା ପାଇଥିଲେ। ସେହିପରି ଏହାର ତନି ମାସ ପରେ ସେ ଡାହାଣ ଗୋଡ ଆଣ୍ଠୁର ଅସ୍ତ୍ରୋପଚାର କରିଥିଲେ। ଏଥର ବିଏସ୍‌କେୱାଇ କାର୍ଡରୁ ତାଙ୍କୁ ୨ ଲକ୍ଷ ଟଙ୍କାର ଚିକିସା ଖର୍ଚ୍ଚ ମିଳିଥିଲା। ସେ ଏହି ଚିକିତ୍ସା ଦ୍ୱାରା ସମ୍ପୂର୍ଣ୍ଣ ସୁସ୍ଥ ହେବା ସହିତ ଏବେ ବିନା ବାଡ଼ିରେ ଚଲାବୁଲା କରୁଛନ୍ତି। ତା'ସହ ବିନା କାହା ସାହାରାରେ ଏବେ ନିଜର କାମ କରିବା ଆରମ୍ଭ କରିଛନ୍ତି। ବିଏସ୍‌କେୱାଇ ଯୋଜନାକୁ ଗରିବର ସଞ୍ଜୀବନୀ ବୋଲି କହିବା ସହିତ ଏହି ଯୋଜନା ନଥିଲେ ସେ କେବେ ବି ସୁସ୍ଥ ହୋଇପାରି ନଥାନ୍ତେ ବୋଲି ନମିତା କହିଛନ୍ତି। ■



# ବିଏସ୍‌କେୱାଇରେ ଉପକୃତ ଛାତ୍ର

ରଶ୍ମି ରଞ୍ଜନ ମିଶ୍ର ,ଗଜପତି

**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁବିଚାର ତଥା ବହୁ ଲୋକାଭିମୁଖୀ ଯୋଜନା ଦ୍ୱାରା ଗଜପତି ଜିଲ୍ଲା ଭଳି ଆଦିବାସୀ ଅଧ୍ୟୁଷିତ ତଥା ପଛୁଆ ଜିଲ୍ଲାର ଗରିବ ଲୋକେ ବେଶ୍ ଉପକୃତ ହେଉଛନ୍ତି। ଏହି ଜିଲ୍ଲାରେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ଗରିବ ତଥା ଅସହାୟଙ୍କ ପାଇଁ ସଞ୍ଜୀବନୀ ପାଲଟିଛି। ବିଏସ୍‌କେୱାଇ ହିତାଧିକାରୀ ଆଜି ଜଟିଳ ରୋଗରେ ପୀଡ଼ିତ ଥିଲେ ମଧ୍ୟ ଆର୍ଥିକ ଚିନ୍ତା ରହୁନାହିଁ। ଏହି ଯୋଜନାରେ ଅନ୍ତର୍ଭୁକ୍ତ ଥିବା ହିତାଧିକାରୀ ବିଏସ୍‌କେୱାଇ କାର୍ଡ ମାଧ୍ୟମରେ ବଡ଼ ବଡ଼ ସହରରେ ଥିବା ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଫେରୁଛନ୍ତି। ଏପରି ଏକ ଘଟଣା ଗଜପତି ଜିଲ୍ଲା ଗୋଷାଣି ବ୍ଲକ୍ ଗୁରାଣ୍ଡି ଗ୍ରାମରେ ଦେଖିବାକୁ ମିଳିଛି।**

ଗୁରାଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର ୟୁ ଶ୍ୟାମ ସୁନ୍ଦର ରାଓ। ବୟସ ୧୫ ବର୍ଷ। ଏହି ବୟସରେ ସେ ଏମିତି ଏକ ଦୁର୍ଘଟଣାର ଶିକାର ହେଲେ ଯେ, ବର୍ତ୍ତମାନ ଜୀବନ ସାରା ଅସହାୟ ହେବାକୁ ପଡ଼ିଛି। ବିଦ୍ୟୁତ୍ ଆଘାତ ଯୋଗୁଁ ତାଙ୍କର ଗୋଟିଏ ଗୋଡ଼ର ପାଦ କଟା ଯାଇଛି। କେବଳ ସେତିକି ନୁହେଁ, ତାଙ୍କୁ ଗୋଟିଏ ଆଖିର ଦୃଷ୍ଟିଶକ୍ତି ମଧ୍ୟ ହରାଇବାକୁ ପଡ଼ିଛି। ଯଦିଓ ଏଭଳି ଏକ ଦୁର୍ଘଟଣାରେ ତାଙ୍କର ଜୀବନ ବଞ୍ଚିଛି, ତଥାପି ପୁଅ ତାଙ୍କର ପଙ୍ଗୁ ପାଲିଟି ଯିବାରୁ ତା'ର ଭବିଷ୍ୟତ କଥା ଭାବି ଗଭୀର ଚିନ୍ତାରେ ପରିବାର ଲୋକ ଅଛନ୍ତି। ତେବେ ଏହି ବାଳକଟିର ପରିବାର କହିଲେ, କେବଳ ତାଙ୍କ ମାଆ ୟୁ ଗୀତାଙ୍କୁ ବୁଝାଏ। ସେପଟେ ୟୁ. ଗୀତାଙ୍କ ସମ୍ପର୍କ ତାଙ୍କ ସ୍ୱାମୀଙ୍କ ସହ ନାହିଁ। ତେଣୁ ପୁଅକୁ ନେଇ ତାଙ୍କ ସଂସାର। ୟୁ. ଶ୍ୟାମକୁ ପାଠ ପଢ଼ାଇ ଭଲ ମଣିଷ କରିବାର ଆଶା ରଖିଥିବା ଗୀତାଙ୍କ ଉଚ୍ଚାଭିଳାଷରେ ଅଙ୍କୁଶ ଲାଗିଛି। ସବୁ ଦୁଃଖକଷ୍ଟକୁ ସ୍ୱୀକାର କରି ୟୁ. ଗୀତା ବର୍ତ୍ତମାନ ପୁଅର ସେବାରେ ଲାଗିଛନ୍ତି। ଅବଶ୍ୟ ମୁଖ୍ୟମନ୍ତ୍ରୀଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଜନା ଯୋଗୁଁ ସେ ପୁଅକୁ ଚିକିତ୍ସିତ କରିବାରେ ଉପକୃତ ହୋଇପାରିଛନ୍ତି। ଆର୍ଥିକ ଅନଟନରେ ଗତି କରୁଥିବା ୟୁ. ଗୀତାଙ୍କ ପରିବାର ନିକଟରେ ସମ୍ବଳ କହିଲେ କିଛି ନାହିଁ। ପର ଘରେ କାମ କରି ପରିବାର ପ୍ରତିପୋଷଣ କରନ୍ତି ୟୁ. ଗୀତା। ତେବେ ୟୁ. ଗୀତାଙ୍କ ପାଖରେ ବିଏସ୍‌କେୱାଇ କାର୍ଡ ଥିଲା। ଏହି କାର୍ଡ ଯୋଗୁଁ ସେ ନିଜ ପୁଅ ୟୁ. ଶ୍ୟାମର ଉତ୍ତମ ଚିକିତ୍ସା କରିପାରିଛନ୍ତି। ଗୀତା ଆନ୍ଧ୍ରର ଶ୍ରୀକାକୁଲମସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇବାରେ ସଫଳ ହୋଇଛନ୍ତି। ଅବଶ୍ୟ ଏବେ ବି ସେ ଚିକିତ୍ସିତ ହେଉଛନ୍ତି। ୟୁ. ଗୀତାଙ୍କୁ ବିଏସ୍‌କେୱାଇ କାର୍ଡ ମାଧ୍ୟମରେ ୫ ଲକ୍ଷ ଟଙ୍କା ମିଳିଛି। ଯାହାକୁ ସେ ପୁଅର ଚିକିତ୍ସା ନିମନ୍ତେ ବିନିଯୋଗ କରିଛନ୍ତି। ■

# ମୟୂରଭଞ୍ଜ

# ପ୍ରାୟ ୨୦ ହଜାର ରୋଗୀ ଉପକୃତ



**ମନୋଜ କୁମାର ପଣ୍ଡା, ବାରିପଦା**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମୟୂରଭଞ୍ଜ ଜିଲ୍ଲାର ୯ଟି ଓ ରାଜ୍ୟ ତଥା ରାଜ୍ୟ ବାହାରର ଅନୁବନ୍ଧିତ ଡାକ୍ତରଖାନାଗୁଡ଼ିକରେ ରୋଗୀମାନେ ଚିକିତ୍ସା ହୋଇପାରୁଛନ୍ତି । ଜିଲ୍ଲା ମୁଖ୍ୟାଳୟର ଯୋଜନା ସଂଯୋଜକଙ୍କଠାରୁ ମିଳିଥିବା ତଥ୍ୟ ଅନୁସାରେ ଜିଲ୍ଲାରେ ମାସକୁ ୧୬୬୩ରୁ ଅଧିକ ରୋଗୀ ରୋଗୀ ଚିକିତ୍ସିତ ହେଉଛନ୍ତି । ଏହି ବାବଦରେ ମାସକୁ ଦେଢ଼ କୋଟିରୁ ଅଧିକ ଟଙ୍କା ସହାୟତା ପାଇଛନ୍ତି । ଯୋଜନା ଆରମ୍ଭ ପାଖରୁ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୯ ହଜାର ୯୫୪ଜଣ ରୋଗୀ ୧୮ କୋଟି ୭୫ଲକ୍ଷ ୩୭ହଜାର ୯୯ଟଙ୍କା ଆର୍ଥିକ ସହାୟତା ପାଇଛନ୍ତି । ଜିଲ୍ଲାରେ ଏହି ଯୋଜନାରେ ସର୍ବାଧିକ ଚକ୍ଷୁ ରୋଗୀ ଉପକୃତ ହେଉଛନ୍ତି । ଏଯାଏଁ ୧୦ ହଜାର ୪୯୮ ଜଣ ରୋଗୀ ଉପକୃତ ହୋଇଥିବା ବେଳେ ମାସକୁ ହାରାହାରି ୮୭୫ ଜଣ ଚକ୍ଷୁ ରୋଗୀ ଉପକୃତ ହେଉଛନ୍ତି ।

## ପୁନର୍ଜନ୍ମ ପାଇଲେ ସୁଶାନ୍ତ



ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ବାପା ପୁନର୍ଜନ୍ମ ପାଇଲେ । ଏହା କୁହନ୍ତି ଯୋଜନାରୁ ଉପକୃତ ହୋଇଥିବା ରୋଗୀ ସୁଶାନ୍ତ ପାତ୍ରଙ୍କ ପୁଅ-ଝିଅ । ସୁଶାନ୍ତଙ୍କୁ ଏବେ ୮୨ ବର୍ଷ । ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍ ସିଂହଟିଆ ଗ୍ରାମରେ ଘର । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜଣେ ଚାଷୀ ଭାବେ ସୁଶାନ୍ତ ନିଜର ପରିବାର ଚଳାଇ ଆସୁଥିଲେ । ପତ୍ନୀ, ୨ପୁଅ ଓ ସେମାନଙ୍କ ପିଲାଛୁଆକୁ ମିଶାଇ ପରିବାରର ଲୋକ ସଂଖ୍ୟା ୧୦ । ସୁଶାନ୍ତ ୨ଝିଅ ବିବାହିତ । ଅଭାବ ଅସୁବିଧା ଥିଲେ ହେଁ ହସଖୁସିରେ କଟିଆସୁଥିବା ପରିବାରରେ ୨ ବର୍ଷ ତଳେ କଳାର ବାଦଲ ଛାଇଆସିଥିଲା । ସୁଶାନ୍ତଙ୍କ ହୃଦ୍‌ରୋଗ ଖବର ହଠାତ୍ ପରିବାରବର୍ଗଙ୍କୁ ବ୍ୟତିବ୍ୟସ୍ତ କରିପକାଇଥିଲା । ବେତନଟୀ ଡାକ୍ତରଙ୍କ ପରାମର୍ଶ କ୍ରମେ ସୁଶାନ୍ତଙ୍କୁ ତୁରନ୍ତ ଭୁବନେଶ୍ୱରର କଳିଙ୍ଗ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଏନ୍‌ଜିଓଗ୍ରାମ ପରେ ତାଙ୍କର ୪/୫ଟି ବ୍ଲକେଜ୍ ଚିହ୍ନଟ ହୋଇଥିଲା । ଏଥିପାଇଁ ତୁରନ୍ତ ଓପନ୍ ହାର୍ଟ ସର୍ଜରୀ ଜରୁରି ହୋଇଥିଲା । ଏହି ସମୟରେ ଦେବଦୂତ ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ସାହାଯ୍ୟ କରିଥିଲା । ଅଢ଼େଇ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ତାଙ୍କର ସଫଳ ଅସ୍ତ୍ରୋପଚାର ସୁଶାନ୍ତଙ୍କୁ ପୁନର୍ଜନ୍ମ ଦେଇଛି ବୋଲି ତାଙ୍କ ପୁଅ ସୁକୁମାର କହିଛନ୍ତି । ଏବେ ସୁଶାନ୍ତ ସ୍ୱାଭାବିକ ଜୀବନ ବିତାଉଥିବା ବେଳେ ପରିବାର ସହିତ ହସଖୁସିରେ ରହିଛନ୍ତି ।

## ବିଏସ୍‌କେୱାଇ କାର୍ଡ ନଥିଲେ ପରିବାର ଭାସିଯାଇଥାନ୍ତା



କୁଣ୍ଡିଆ ହେମ୍ବ୍ରମ୍ । ବୟସ ୨୬ ବର୍ଷ । ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଭଗାବେଡ଼ା ଗ୍ରାମରେ ଘର । ଘରେ ପତ୍ନୀ ଜିଙ୍ଗ, ଦୁଇପୁଅ ଘାସିରାମ ଓ ଦିପ୍, ଦୁଇ ଅବିବାହିତ ଭଉଣୀ ଏବଂ ବୃଦ୍ଧ ବାପା-ମାଙ୍କୁ ନେଇ ସଂସାର । ଦିନମଜୁରିଆ ଭାବେ କୁଣ୍ଡିଆ ପତ୍ନୀଙ୍କ ସହିତ ମୂଲଲାଗି ପରିବାର ଚଳାନ୍ତି । ବାପା-ମା' ବୟସାଧିକ୍ୟ ଯୋଗୁଁ କିଛି କାମଧନ୍ଦା କରିପାରନ୍ତି ନାହିଁ । ଏପରି ସ୍ଥଳେ କୁଣ୍ଡିଆ ଦୁଇ ଭଉଣୀଙ୍କ ବାହାଘର କରିବା ସହିତ ଦୁଇ ପୁଅଙ୍କୁ ହାଇସ୍କୁଲ ପଢ଼ାଉଛନ୍ତି । ତେବେ ୬ମାସ ତଳେ ତାଙ୍କ ପେଟବ୍ୟଥା ଓ ଜ୍ୱର ଲାଗିରହିବାରୁ ଶଯ୍ୟାଶାୟୀ ହୋଇପଡ଼ିଲେ । ପ୍ରଥମେ ଜାମଦା ଡାକ୍ତରଖାନା ଓ ପରେ ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସା ସତ୍ତ୍ୱେ ଭଲ ନହେବାରୁ ବାରିପଦାର ସାଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କର ପାଚକ ଯନ୍ତ୍ରରେ ଟ୍ୟୁମର୍ ହୋଇ ପଚିଯିବା ସହିତ ନଷ୍ଟ ହୋଇଥିବା ଜଣାପଡ଼ିଥିଲା । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ସହାୟତାରେ ୧ଲକ୍ଷ ୪୦ହଜାର ଟଙ୍କାରେ ତାଙ୍କର ଅସ୍ତ୍ରୋପଚାର ସଫଳ ହୋଇଥିଲା । ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ । ଡାକ୍ତରଙ୍କ ପରାମର୍ଶ କ୍ରମେ ପତ୍ନୀ ଓ ଦୁଇ ଭଉଣୀ ତାଙ୍କୁ କାମ କରିବାକୁ ନଦେଇ ଘରେ ବିଶ୍ରାମରେ ରଖିଛନ୍ତି । ବିଏସ୍‌କେଓ୍ୱାଇ କାର୍ଡ ନଥିଲେ ମୋ ପରିବାର ଭାସିଯାଇଥାନ୍ତା ବୋଲି କୁହନ୍ତି କୁଣ୍ଡିଆ । ଏତେ ପରିମାଣର ଅର୍ଥ ଜମିବାଡ଼ି ବିକ୍ରି କରିଥିଲେ ମଧ୍ୟ ଯୋଗାଡ଼ କରିପାରିନଥାନ୍ତି । ମୁଖ୍ୟମନ୍ତ୍ରୀଙ୍କ ପାଇଁ ମୁଁ ଆଜି ବଞ୍ଚିଛି ଓ ମୋ ଉପରେ ନିର୍ଭରଶୀଳ ମୋ ପରିବାର ନୂଆ ଦୁନିଆ ଦେଖୁଛନ୍ତି । କେବଳ ସୁଶାନ୍ତ କିମ୍ବା କୁଣ୍ଡିଆ ନୁହନ୍ତି, ମୟୂରଭଞ୍ଜ ଜିଲ୍ଲାରେ ଏପରି ବର୍ଷକୁ ରୋଗୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଉପକୃତ ହେଉଛନ୍ତି । ■




# ଅସହାୟଙ୍କୁ ସହାୟ ବିଏସ୍‌କେୱାଇ

**ଶରତ ଦାଶ , କେନ୍ଦୁଝର**

କେନ୍ଦୁଝର ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀ ସଂଖ୍ୟା ଅନେକ । ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ଅନେକ ଲୋକ ଉପକୃତ ହୋଇସାରିଲେଣି । ଯୋଜନାଟି ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି କରିଛି । ବିପଦ ସମୟରେ ବିଏସ୍‌କେୱାଇ କାର୍ଡ ଲୋକଙ୍କର ସାହାଭରସା ପାଲଟିଛି ।

କେନ୍ଦୁଝର ସହର ନିକଟ କଣ୍ଡରାପଶି ଗ୍ରାମର ସମ୍ୟା ବାରି ନାମକ ଜଣେ ବ୍ୟକ୍ତି ଅସ୍ଥି ବା ପେଶୀ ସମାସ୍ୟାକୁ ନେଇ ଚିକିତ୍ସା ନିମନ୍ତେ କେନ୍ଦୁଝରର ସାଇଦେବ ନାମକ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତାଙ୍କର ଅସ୍ଥିଶଲ୍ୟ ଜନିତ ସମସ୍ୟା ଜଣାପଡ଼ିବା ପରେ ତାଙ୍କର ଅପରେସନ୍ ହୋଇଥିଲା । ସେ ସୁସ୍ଥ ହୋଇ ଘରକୁ ଫେରିସାରିଛନ୍ତି । ତାଙ୍କର ଅପରେସନ୍‌ର ସମସ୍ତ ଖର୍ଚ୍ଚ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ହୋଇଥିଲା ।





ସେହିପରି କେନ୍ଦୁଝର ସହରର ବଡ଼ହଳ ଅଞ୍ଚଳରେ ରହୁଥିବା ପ୍ରିୟଙ୍କା ସାହୁ ନାମକ ଜଣେ ମହିଳା କିଛିଦିନ ତଳେ "କେନ୍ଦୁଝର ହସ୍ପିଟାଲ, କେନ୍ଦୁଝର"ରେ ଆଡ୍‌ମିଶନ ହୋଇଥିଲେ । ସେଠାରେ ତାଙ୍କର ସିଜରିଆନ୍ ମାଧ୍ୟମରେ ସନ୍ତାନ ଜନ୍ମ ହୋଇଥିଲା । ସେ ଜଣେ ବିଏସ୍‌କେଓାଇ କାର୍ଡଧାରୀ ମହିଳା ହୋଇଥିବାରୁ ତାଙ୍କର ସିଜରିଆନ୍ ଡେଲିଭରିର ସମସ୍ତ ଖର୍ଚ୍ଚ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହୋଇପାରିଥିଲା । ଏଭଳି ଅନେକ ଗରିବ ଲୋକ ଏହି ଯୋଜନାରେ ଉପକୃତ ହୋଇଛନ୍ତି । ପୂର୍ବରୁ ଯେ କୌଣସି ରୋଗ ହେଲେ ପରିବାର ଲୋକେ ଆର୍ଥିକ ସଂକଟର ସମ୍ମୁଖୀନ ହେଉଥି ଲେ । ଏବେ କିନ୍ତୁ ସମୟ ବଦଳି ଯାଇଛି । ରାଜ୍ୟରେ ଆର୍ଥିକ ଅଭାବରୁ ଯେଭଳି କେହି ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ ନହୁଅନ୍ତି,ସେଥିପାଇଁ ରାଜ୍ୟ ସରକାର ବିଏସ୍‌କେୱାଇ ଯୋଜନା ପ୍ରଚଳନ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଗରିବ ଲୋକେ ମାଗଣାରେ ଉତ୍ତମମାନର ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି । ■



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ପ୍ରଚାରକଙ୍କୁ ଶରତ ପ୍ରହାର

ପ୍ରଶାସକରୁ ରାଜନୀତିରେ ପ୍ରବେଶ କରିଥିବା ମାଷ୍ଟରକ୍ୟାଣ୍ଟିନ ହାତ ମଠ ପ୍ରଚାରକ ବିଜୟଙ୍କ ସମୟ ପ୍ରକୃତରେ କୁଆଡ଼େ ଠିକ୍ ଚାଲିନାହିଁ । ଯିଏ ହାତ ମଠକୁ ଆସୁଛି, ସିଏ ପଟ୍ଟନାୟକଙ୍କୁ ମନ୍ଦିର ଘଣ୍ଟା ପରି ଢଂଢ଼ଂ କରି ପିଟି ଦେଇ ଯାଉଛି । ମାତ୍ର କୌତୂହଳର କଥା ହେଉଛି, ମନ୍ଦିର ଘଣ୍ଟାକୁ ପିଟିଲେ ଯେପରି ଶବ୍ଦ ବାହାରେ; ବିଜୟଙ୍କୁ ପିଟିଲେ କୌଣସି ଶବ୍ଦ ବାହାରୁ ନାହିଁ । ବାବୁଗିରି କରୁକରୁ ବିଜୟ ବେଦାନ୍ତ ଆଡ଼େ ମାଡ଼ିଗଲେ, ସେଠି କିଛି କାଳ ଗୁମାସ୍ତାଗିରି କରିବା ପରେ ନେତା ହେବା ନିଶାରେ ଏକ କୃଷକ ସଙ୍ଗଠନର ପୃଷ୍ଠପୋଷକ ସାଜିଲେ; ତା ପରେ ହାତ ଦଳରେ ପ୍ରବେଶ କରି ଏବେ ରାଜ୍ୟ ପ୍ରଚାରକ । ନିକଟରେ ଅନୁଷ୍ଠିତ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯାଜପୁର ଜିଲ୍ଲାର ପୁରୁଖା ନେତା ତଥା ପୂର୍ବତନ ମନ୍ତ୍ରୀ ଶରତ ରାଉତ ତାଙ୍କୁ ଯେମିତି ବେଜ୍ଜିତ କଲେ, ସେପରି କଥା ବିଜୟ ତାଙ୍କ କାନ ଉଠିବା ଦିନୁ କୁଆଡ଼େ କେବେ ବି ଏପରି କଥା ଶୁଣି ନ ଥିବେ । ଦଳର ସବୁ ଛାମୁଆ ନେତାଙ୍କ ଉପସ୍ଥିତିରେ ଶରତ ରାଉତ ତାଙ୍କୁ ଏତେ କଥା କହିବା ସତ୍ତ୍ୱେ ମଠ ମହନ୍ତ ଶରତ ପଟ୍ଟନାୟକଙ୍କ ନିରବତା କୁଆଡ଼େ ବିଜୟଙ୍କ ପାଇଁ ଅସହ୍ୟ ହୋଇଛି । ତାଙ୍କ ପ୍ରତି ସାମାନ୍ୟ ସମବେଦନା ପ୍ରକାଶ ନ କରି ମଠ ମହନ୍ତ କୁଆଡ଼େ ଠିକ୍ କରି ନାହାନ୍ତି ବୋଲି ବିଜୟ ମନେ କରୁଛନ୍ତି । ନା ଏହି ଅପମାନ ସେ ସହି ପାରୁଛନ୍ତି, ନା କାହାକୁ କହି ପାରୁଛନ୍ତି । ଶରତଙ୍କ ଶବ୍ଦ ପାହାର ବିଜୟଙ୍କୁ ଯେତିକି ବାଧିଛି, ପାହାରର ଶବ୍ଦ କୁଆଡ଼େ ତା'ଠୁ ବେଶୀ କଷ୍ଟ ଦେଇଛି । ଅଭିମାନରେ ସିଏ କୁଆଡ଼େ କେଇଦିନ ହେଲା ମଠ ବାରଣ୍ଡା ମାଡ଼ି ନାହାନ୍ତି । ■



## ସମ୍ପର୍କରେ ଲାଗିଲା ନଜର

ରାମମନ୍ଦିର ଆଖଡ଼ା ମୁଖ୍ୟ କୁସ୍ତିଆଳ ସାମଲ ଆଉ ରାଜଧାନିଆ ଷଡ଼ଙ୍ଗୀ ସାଂସଦଙ୍କ ମଧ୍ୟରେ କୁଆଡ଼େ ଆଜିକାଲି କିଛି ଭଲ ଚାଲିନାହିଁ । ଏ କଥା ଆମେ କହୁନାହୁଁ, ତାଙ୍କରି ଦଳର ସାନବଡ଼ ନେତାମାନେ ରାମମନ୍ଦିର ଛକରୁ ଏକାମ୍ର ହାଟ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚର୍ଚ୍ଚା କରୁଛନ୍ତି । ବେଗୁନିଆରୁ ଭଦ୍ରକ ପର୍ଯ୍ୟନ୍ତ ଏହାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି । ରାଜ୍ୟ ସଭାପତି ପଦ ମିଳିବା ପରେ ସାମଲ ଓ ରାଜଧାନିଆ ସାଂସଦ ଷଡ଼ଙ୍ଗୀ ମ୍ୟାଡ଼ାମ୍‌ଙ୍କ ଫେଭିକଲ ପରି ନିବିଡ଼ ରାଜନୈତିକ ସମ୍ପର୍କ ଏତେ ଶୀଘ୍ର ଯେ ମେଲିଯିବ, ସେ କଥା ଅନେକ ଭାବି ପାରୁ ନାହାନ୍ତି । ଏକ ସମୟରେ ଅପରାଜିତାଙ୍କ କାର୍ଯ୍ୟକ୍ରମରେ ମନମୋହନ ଓ ମନମୋହନଙ୍କ କାର୍ଯ୍ୟକ୍ରମରେ ଅପରାଜିତାଙ୍କ ଉପସ୍ଥିତି ଏକ ସାଧାରଣ କଥା ହୋଇ ଯାଇଥିଲା । ମାତ୍ର କାହା ନଜର ଲାଗିଲା କେଜାଣି ଏତେ ସୁନ୍ଦର ସମ୍ପର୍କ ତୁଟିଗଲା । ପୂର୍ବରୁ ଅପରାଜିତାଙ୍କ ପୋଷ୍ଟରରୁ ମନମୋହନ ଉଭାନ ହୋଇ ଯାଇଥିଲେ; ଆଉ ଏବେ ମନମୋହନଙ୍କ ନୂଆ କମିଟିଗୁଡ଼ିକରେ ଦୁର୍ବଳିଆ ନେତାମାନଙ୍କୁ ସ୍ଥାନ ମିଳିଥିବାବେଳେ ସାଂସଦ କିମ୍ବା ତାଙ୍କ ଅନୁଗତଙ୍କ ନାଁ ଉଭାନ ହୋଇ ଗଲା । ଏପରିକି ତାଙ୍କ ପରି ଜଣେ ଷ୍ଟାଣ୍ଡିଂ ସାଂସଦଙ୍କୁ ସ୍ଥାନ ନ ଦେଇ ଦଳର ମଲା, ଦଦରା, ହାରୁ ନେତାଙ୍କୁ ବିଭିନ୍ନ କମିଟିରେ କିପରି ସ୍ଥାନ ଦିଆଗଲା ବୋଲି ପ୍ରଶ୍ନର ଉତ୍ତର ଦେବାକୁ କୁଆଡ଼େ ମନମୋହନ ଉଚିତ ଭାବିଲେ ନାହିଁ । ସେଥିପାଇଁ ବରୁଣେଇରେ ଯୁବ ମୋର୍ଚ୍ଚାର ବନ୍ଧୁମିଳନ କାର୍ଯ୍ୟକ୍ରମ, ଭିଙ୍ଗୁଡ଼ିଆରେ ଧନ୍ୟବାଦ ସଭା ସହିତ ଆହୁରି କେତେକ କାର୍ଯ୍ୟକ୍ରମ ବାତିଲ କରି ଗୁରୁବାର ଅପରାଜିତା ଦିଲ୍ଲୀ ବାହାରି ଯାଇଛନ୍ତି । ରାଜ୍ୟ ନିର୍ବାଚନ ପ୍ରଚାର କମିଟି ଅଧ୍ୟକ୍ଷ ହେବାକୁ ସିଏ କୁଆଡ଼େ ଲବି ଚଳାଇଛନ୍ତି ବୋଲି ଇଆଡ଼େ ମନମୋହନ କମ୍ପାନୀ ପ୍ରଚାର କରୁଛନ୍ତି । ■



## ସିଂହଦେଓଙ୍କ ଚକ୍ରବ୍ୟୂହ

ଆଉ କେଇଦିନ ମଧ୍ୟରେ ବାଜିବ ନିର୍ବାଚନ ଘଣ୍ଟି । ବିଧାନସଭା ଓ ଲୋକସଭା ପାଇଁ ଏକ ସମୟରେ ହେବ ନିର୍ବାଚନ । ଏହାର ଠିକ୍ ପୂର୍ବରୁ ମିଶ୍ର ପିତା-ପୁତ୍ରଙ୍କ ବିରୋଧରେ ସିଂହରଡ଼ି ଦେଇ ବଲାଙ୍ଗିର ମଇଦାନକୁ ଓହ୍ଲାଇଛନ୍ତି ସିଂହଦେଓ । ରାଜ ପରିବାର ବିରୋଧରେ ରାଜନୈତିକ ଷଡ଼ଯନ୍ତ୍ର ଆରମ୍ଭ କରିଥିବା ମିଶ୍ର ଏଣ୍ଡ ସନ୍ସଙ୍କୁ କଳେବଳେ କୌଶଳେ ରାଜନୀତି ମଇଦାନରେ ନକଆଉଟ୍ କରିବା ପାଇଁ ବକ୍ସିଂ ଗ୍ଲୋଭ୍ସ ପିନ୍ଧି ବାହାରିଛନ୍ତି ଅନଙ୍ଗ ଉଦୟ । ଦୁଇ ପୁଅଙ୍କୁ ସାଥୀରେ ନେଇ ରାଜନୀତିରେ ନିଜର ଶେଷ ପ୍ରତ୍ୟକ୍ଷ ଲଢ଼େଇ ଲଢ଼ିବାକୁ ଅନଙ୍ଗ ଘୋଷଣା କରିଥିବା ମଧ୍ୟ ଚର୍ଚ୍ଚା ହେଉଛି । ଏକ ସମୟରେ ଅନଙ୍ଗ ଉଦୟ ଥିଲେ ପଶ୍ଚିମ ଓଡ଼ିଶା ରାଜନୀତିର ସବୁଠୁ ଟାଣୁଆ ନେତା । ମାତ୍ର ଏବର ପରିସ୍ଥିତି ସମ୍ପୂର୍ଣ୍ଣ ଅଲଗା । ମିଶ୍ର ଏଣ୍ଡ ସନ୍ସ ସିଂହଦେଓ ଓ ତାଙ୍କ ପରିବାରର ସବୁ ପତିଆରାକୁ ଭାଙ୍ଗି ଦେଇଛନ୍ତି । ଅନଙ୍ଗଙ୍କ ସହ ପୁଅ କଳିକେଶ ଓ ଅର୍କେଶ ପ୍ରତ୍ୟକ୍ଷ ରାଜନୀତିରୁ ଏକ ପ୍ରକାର ନିର୍ବାସିତ । ତେଣୁ ଆଗାମୀ ଦିନରେ ସେ ମିଶ୍ର ଏଣ୍ଡ ସନ୍ସଙ୍କ ଠାରୁ ୨୦୧୯ ନିର୍ବାଚନର ପ୍ରତିଶୋଧ ନେବାକୁ ଚକ୍ରବ୍ୟୂହ ରଚିଥିବା ଚର୍ଚ୍ଚା ହେଉଛି । ଏପରିକି ଉଭୟ ବଲାଙ୍ଗିର ବିଧାନସଭା ଓ ଲୋକସଭା ଆସନକୁ ଦଖଲ କରିବା ପାଇଁ ସିଂହଦେଓଙ୍କ ଚକ୍ରବ୍ୟୂହକୁ ଭେଦିବାକୁ କୁଆଡ଼େ ଶହେ ମିଶ୍ର ବି ସକ୍ଷମ ହେବେ ନାହିଁ ସିଂହଦେଓଙ୍କ ଘନିଷ୍ଠ ଅନୁଗତମାନେ ଆଶା ବାନ୍ଧିଛନ୍ତି । ତେବେ ଅସଲ କଥା ହେଲା ସିଂହଦେଓ ତ ଚକ୍ରବ୍ୟୂହ ରଚିଛନ୍ତି; ମାତ୍ର ବ୍ୟୂହର ପ୍ରତି ପ୍ରସ୍ଥାନ ପଥରେ ଶତ୍ରୁର ମୁକାବିଲା ପାଇଁ ଯୋଦ୍ଧା ନିୟୋଜନ କରିବାକୁ ଛାଡ଼ି ଯାଇଛନ୍ତି । ■



## ପ୍ୟାରୀ ପଥରେ ପ୍ରଦୀପ

ଭାବୀ ସମୁଦୀ, ଭାବୀ ଜ୍ୱାଇଁଙ୍କ ସହ ଜେଲରୁ ଫେରିବା ପରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଖୋଲିଛନ୍ତି ଆଇ ମା'ର ବୁଢ଼ୀ ଅସୁରୁଣୀ କାହାଣୀ ପେଡ଼ି । ଶିକାର କରିବାକୁ ଅକ୍ଷମ ବୁଢ଼ା ବାଘ ଲୋକଙ୍କୁ ସୁନା କଙ୍କଣ ଦେଖାଇ ପ୍ରଲୋଭିତ କରିବା ପରି ପାଣିଗ୍ରାହୀ ଆଜିକାଲି ବୁମ୍‌ଧାରୀଙ୍କ ନିକଟରେ ଗାଉଛନ୍ତି ମିଛ କାହାଣୀ । ଶୂନ୍ୟରୁ ତୋଳିଆଣି ମିଛକୁ ଯେମିତି ସତ ଘଟଣା ରୂପେ ବର୍ଣ୍ଣନା କରୁଛନ୍ତି, ତାହା କିଛି ବୁମ୍‌ଧାରୀଙ୍କୁ ଆମୋଦିତ କରୁଛି । ମାତ୍ର ପ୍ରଦୀପ ବୋଧହୁଏ ଓଡ଼ିଶା ରାଜନୀତିର ଇତିହାସ ଠିକ୍ ଭାବରେ ପଢ଼ି ନାହାନ୍ତି । ଯେଉଁ କଥା ସିଏ ଏବେ କହୁଛନ୍ତି, ବୁମ୍ ଆଗରେ ଗାଉଛନ୍ତି; ସେମିତିକା କଥା ଅତୀତରେ ଆଉରି କିଛି ଲୋକ ବି ଗାଉଥିଲେ । ଜଣେ ତ ମଧ୍ୟରାତ୍ରିରେ ବିଫଳ ଅଭିଯାନ ଆରମ୍ଭ କରିଥିଲେ । ବିଶ୍ୱାସଘାତକତା ପରିଣାମ ସ୍ୱରୂପ ଦଳରୁ ବହିଷ୍କାର ହେବା ପରେ ସବୁକିଛି ଧ୍ୱଂସ କରିଦେବେ ବୋଲି ପ୍ରଦୀପଙ୍କ ପରି ପ୍ରତିଜ୍ଞା କରିଥିଲେ । ମାତ୍ର ସେହି ପ୍ରତିଜ୍ଞା ଓ ସେହି ପଣକୁ ସାଥୀରେ ଧରି ସେ ପରପୁରକୁ ଚାଲିଗଲେ ସିନା, ଶଙ୍ଖଦଳରେ ରାମ୍ପୁଡ଼ା ଦାଗ ବି ଲଗାଇବାରେ ସକ୍ଷମ ହେଲେ ନାହିଁ । ଏବେ ସେହି ପଥର ଯାତ୍ରୀ ପାଣିଗ୍ରାହୀଙ୍କ ଯାତ୍ରାର ପରିଣାମ ଓ ପରିଣତି କ'ଣ ହେବ ତାହା ଏବେଠାରୁ ଜଳଜଳ ଦିଶୁଛି । ତାଙ୍କ ମଥାରେ ଲାଗିଥିବା 'ଜନ ବିରୋଧୀ' ଷ୍ଟାମ୍ପ ଏତେ ଗହୀରରେ ଲାଗିଛି ଯେ, ମଲା ପରେ ବି ସେହି ଦାଗ ଲିଭିବା ପରି ଲାଗୁନାହିଁ । ମହାରାଷ୍ଟ୍ର ଆଉ ପଶ୍ଚିମବଙ୍ଗରେ ସିନା ପଦ୍ମ ବ୍ରାଣ୍ଡର ପାୱାରଫୁଲ୍ ୱାସିଂ ମେସିନ୍‌ରେ ସବୁ କଳାଦାଗ ଧଳା ହୋଇ ଯାଉଛି, ମାତ୍ର ଓଡ଼ିଶାରେ ପଦ୍ମ ବ୍ରାଣ୍ଡ ୱାସିଂ ମେସିନ୍ ପ୍ରତାରଣାର ଆଲକାତାରା ଦାଗ ସତରେ କ'ଣ ସହଜରେ ଧୋଇ ପାରିବ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।